

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୭ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 JANUARY 2026

Vol.No. 36 ■ No.16 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ମହାରାଷ୍ଟ୍ରରେ ପୁଣି କାମଦେଲା ବିଜେପି ମ୍ୟାଜିକ୍



ନୂଆଦିଲ୍ଲୀ,୧୬/୧ : ମୁମ୍ବାଇ ମହାନଗର ନିଗମ ନିର୍ବାଚନରେ ବିଜେପି- ଶିବସେନା(ସିନ୍ଦେ) ନେତୃତ୍ୱାଧୀନ ମହାୟୁତି ମେଣ୍ଟ ବାଜି ମାରିନେଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସଙ୍କ ନେତୃତ୍ୱରେ ବିଜେପି ମୁମ୍ବାଇ ମହାନଗର ନିଗମରେ ୨୨୭ ୱାର୍ଡ଼ରୁ ୯୦ଟି ୱାର୍ଡ଼ରେ ବିଜୟୀ/ଆଗୁଆ ରହିଛି। ୨୦୧୭ରେ ବିଜେପି ଏଠାରେ ୮୨ ଆସନରେ ଜିତିଥିବାବେଳେ ଚଳିତଥର ଏହି ସଂଖ୍ୟାକୁ ଟପି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଅନ୍ୟପକ୍ଷେ ବିଜେପିର ମେଣ୍ଟ ସହଯୋଗୀ ଶିବସେନା ୨୮ ଆସନରେ ଆଗରେ ରହିଛି। ଉଭୟ ଏକାଠି ସହଜରେ ମୁମ୍ବାଇରେ ମ୍ୟାଜିକ୍‌ନମ୍ବର ୧୧୪ ଅତିକ୍ରମ କରିଛନ୍ତି। ଫଳରେ ଚଳିତ ଥର ଅନେକ ବର୍ଷ ପରେ ମୁମ୍ବାଇକୁ ବିଜେପି- ଶିବସେନା (ସିନ୍ଦେ)ରୁ ଜଣେ ମେୟର ମିଳିବେ। ମୁମ୍ବାଇରେ ଦୀର୍ଘ ୨୮ ବର୍ଷ ପରେ ଠାକ୍‌ରେ ଗଡ଼ ଭୁଶୁଡ଼ି ପଡ଼ିଛି। ଇତି ମଧ୍ୟରେ ଶିବସେନା (ୟୁବିଟି ) ମେଣ୍ଟ ମୁମ୍ବାଇରେ ୬୮ ଆସନ ଅତିକ୍ରମ କରିବାପାଇଁ ସଂଘର୍ଷ କରୁଛି। ଏମଏନଏସ ମାତ୍ର ୯ ଆସନରେ ଆଗୁଆ ରହିଛି। ୟୁବିଟି ସେନା ୫୮ ଆସନରେ ଆଗୁଆ ଥିବାବେଳେ ଏନ୍‌ସିପି (ଏସ୍‌ପି) ମାତ୍ର ଗୋଟିଏ ଆସନରେ ଜିତିଛି। କଂଗ୍ରେସ ମଧ୍ୟ ମାତ୍ର ୧୦ଟି ୱାର୍ଡ଼ରେ ଆଗୁଆ ରହିଛି। ତେବେ ଏହି ରାଜନୈତିକ ଭୂକମ୍ପ କେବଳ ମୁମ୍ବାଇରେ ସୀମିତ ନାହିଁ। ପୁଣେ , ପିମ୍ପଡ଼ି ଛିଞ୍ଚୱାଡ଼ା, କୋହ୍ଲାପୁର, ସତରା, ସୋଲାପୁର, ସାଙ୍ଗଲି ପୌର ନିଗମରେ ବି ବିଜେପି-ଶିବସେନା ମେଣ୍ଟ ଆଗୁଆ ରହିଛି। ପୁଣେରେ ଲଢ଼େଇ ମୁଖ୍ୟତଃ ବିଜେପି ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧୀନ (ଏନସିପି) ଓ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପି (ଏସ୍‌ପି) ମଧ୍ୟରେ ହୋଇଛି। ପୁଣେରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ତାଙ୍କ କାକା ଶରଦ ପାୱାରଙ୍କ ଏକାଠି ନିର୍ବାଚନ ଲଢୁଥିବାରୁ ଏହି ଆସନ ଉପରେ ସମସ୍ତଙ୍କ ନଜର ରହିଛି। ପୁଣେରେ ମଧ୍ୟ ବିଜେପି ୮୦ ଆସନରେ ଆଗୁଆ ରହିଛି। ମିଳିତ ଏନସିପି ମେଣ୍ଟ ଏଠାରେ ପଛେଇ ଯାଇଛି। ଅଜିତ ପାୱାରଙ୍କ ଏନ୍‌ସିପି ପୁଣେରେ ୬ ଆସନରେ ଆଗୁଆ ଥିବାବେଳେ ଏନ୍‌ସିପି-ଏସ୍‌ପି ୩ ଆସନରେ ଆଗୁଆ ରହିଛି।

◆◆ପୃଷ୍ଠା ୭

## କମିସନରେଟ ପୋଲିସ କବଜାରେ କୁଖ୍ୟାତ ବନ୍ଧୁକ ମାଫିଆ

ଭୁବନେଶ୍ୱର, ୧୬/୧ (ନି.ପ୍ର): କୁଖ୍ୟାତ ବନ୍ଧୁକ ମାଫିଆ କମିସନରେଟ ପୋଲିସ କବ୍ଜାରେ ଆସିଛି । ଯାଜପୁର ବିଂଝାରପୁର ଅଂଚଳରୁ ବନ୍ଧୁକ ମାଫିଆକୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ସ୍ପେଶାଲ କ୍ରାଇମ ୟୁନିଟ ପପୁ ନାମକ ଜଣେ ବନ୍ଧୁକ ବେପାରୀକୁ ଗିରଫ କରିଛି । ତା ନିକଟରୁ ୪ଟି ବନ୍ଧୁକ, ୧୦ଟି ଜିବନ୍ତ ଗୁଳି ଜବତ କରାଯାଇଛି । ପପୁ ବିହାର ମୁଙ୍ଗେର ଅଂଚଳରୁ ବନ୍ଧୁକ ଆଣି ଓଡ଼ିଶାରେ ବିକ୍ରି କରୁଥିଲା ବୋଲି ସୂଚନା ଦିଆଯାଇଛି ।

## ଜାନୁଆରୀ ୨୦ରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚନ

ନୂଆଦିଲ୍ଲୀ, ୧୬/୧ : ଭାରତୀୟ ଜନତା ପାର୍ଟି (ବିଜେପି) ଜାନୁଆରୀ ୨୦ ତାରିଖରେ ତା’ର ନୂତନ ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚିତ କରିବ। ଦଳ ଶୁକ୍ରବାର ଏଠାରେ ଜାତୀୟ ସଭାପତି ନିର୍ବାଚନ ପାଇଁ ପ୍ରକ୍ରିୟାର ଆନୁଷ୍ଠାନିକ ଘୋଷଣା କରି କହିଛି ଯେ, ବିଜେପିର ସଂଗଠନ ପର୍ବ ୨୦୨୪ ଅନ୍ତର୍ଗତ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚନ ପାଇଁ ନାମାଙ୍କନ ଜାନୁଆରୀ ୧୯ ତାରିଖରେ ହେବ ଏବଂ ଜାନୁଆରୀ ୨୦ ରେ ଅଧକ୍ଷଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ବିଜେପି ଜାତୀୟ ନିର୍ବାଚନ ଅଧିକାରୀ ଏବଂ ରାଜ୍ୟସଭା ସାଂସଦ ଡ଼ଃ. କେ. ଲକ୍ଷ୍ମଣଙ୍କ ଦ୍ୱାରା ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ସମ୍ପୂର୍ଣ୍ଣ ପ୍ରକ୍ରିୟା ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟ, ୬-ଏ, ଦୀନଦୟାଲ ଉପାଧ୍ୟାୟ ମାର୍ଗ, ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।

◆◆ପୃଷ୍ଠା ୭

## ନବୀନଙ୍କୁ ଅରବିନ୍ଦ ପଚାରିଲେ ନିଲମ୍ବନର କାରଣ



ଭୁବନେଶ୍ୱର, ୧୬/୧ (ନି.ପ୍ର): ଅରବିନ୍ଦ ଓ ସନାତନଙ୍କୁ ନିଲମ୍ବନ କରିବା ଯେତିକି ଆଶ୍ଚର୍ଯ୍ୟଜନକ। ନିଲମ୍ବନ ପଛର ଦର୍ଶାଯାଇଥିବା କାରଣକୁ ନେଇ ବିଜେଡି ଶିବିରରେ ହଟଚମଟ। ପ୍ରଥମ ଥର ବିଧାୟକ ହୋଇଥିବା ଅରବିନ୍ଦ ଦେଢ ବର୍ଷରେ କଣ ଏମିତି ଦୁର୍ନୀତି ଓ ବିଶ୍ୱାସଘାତକତା କଲେ ଯେ, ନବୀନଙ୍କ ପାଇଁ ଅସହ୍ୟ ହେଲା। ହେଲେ ବିଜେଡି ରାଜନୀତିକୁ ଅତି ପାଖରୁ ଦେଖିଥିବା ବିଜୟ, ପୁଅ ଅରବିନ୍ଦଙ୍କ ନିଲମ୍ବନ ପଛରେ ବାରିଛନ୍ତି ଚକ୍ରାନ୍ତର ଗନ୍ଧ । ଦୁର୍ନୀତିଗ୍ରସ୍ତ, ବିଶ୍ୱାସଘାତକ । ଦଳୀୟ ପ୍ରେସ ରିଲିଜ ଏବଂ ନେତାଙ୍କ ମୁହଁରେ ଏମିତି ଆଖ୍ୟା ଦେଇ ଏକାସାଙ୍ଗରେ ଦୁଇ ବିଧାୟକ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ନିଲମ୍ବିତ ପାଟକୁରା ବିଧାୟକ ଦଳପତିଙ୍କ ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଦଳବିରୋଧୀ ଓ ବିଶ୍ୱାସ ଘାତକତାର ପ୍ରମାଣ ନବୀନଙ୍କୁ ମାଗିଛନ୍ତି ଅରବିନ୍ଦ। ନିଲମ୍ବନ ପରେ ନିର୍ବାଚନମଣ୍ଡଳୀକୁ ଯାଇ ଦେଖାଇଛନ୍ତି ଲୋକପ୍ରିୟତାର ପ୍ରମାଣ। ଅନ୍ୟପଟେ ଦଳୀୟ ବିଧାୟକ କହିଛନ୍ତି, ନିଲମ୍ବିତ ବିଧାୟକ ସନା ମହାକୁଡ଼ ବୈଠକରେ ରୁହନ୍ତି ଓ ସହଯୋଗ କରନ୍ତି। ସଭାପତି କାହିଁକି ନିଲମ୍ବନ କଲେ ଆମେ ଜାଣିନୁ? ଏବେ ବି ରହସ୍ୟ ଘେରରେ ଅରବିନ୍ଦଙ୍କ ନିଲମ୍ବନ ନିଷ୍ପତ୍ତି।

◆◆ପୃଷ୍ଠା ୭

## କ୍ଷମତାରୁ ଯିବା ପରେ ପ୍ରତିଦିନ ଦଳ ଛାଡୁଛନ୍ତି ନେତା: ବିଜେପିରେ ସାମିଲ ହେଲେ ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ



ଭୁବନେଶ୍ୱର, ୧୬/୧ (ନି.ପ୍ର): ବିଜେଡି ଘର କଳି ତେଜିଥିବାବେଳେ ସଂଗଠିତ ହେଉଛି ବିଜେପି। ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ଦଳୀୟ ସଂଗଠନକୁ ମଜବୁତ କରୁଛି ଭାରତୀୟ ଜନତା ପାର୍ଟି। ଶଂଖ ଛାଡି ପଦ୍ମ ଧରୁଛନ୍ତି ଜଣଙ୍କ ପରେ ଜଣେ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଜେଡି ନେତା। କ୍ଷମତାରୁ ଯିବା ପରେ ଭାଙ୍ଗି ଭାଙ୍ଗି ଯାଉଛି ବିଜେଡି ଗଡ଼। ପ୍ରତିଦିନ କେଉଁଠି ନା କେଉଁଠି ବିଜେଡି ନେତା ଦଳ ଛାଡି ବିଜେପିରେ ମିଶୁଛନ୍ତି। ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ ବିଜେଡି ଛାଡି ବିଜେପିରେ ମିଶିଛନ୍ତି। ସକାଳେ ବିଜେଡି ଛାଡିଥିବା ଯାଜପୁର ଜିଲ୍ଲାପରିଷଦ ଅଧକ୍ଷ ଏବଂ ଉପାଧକ୍ଷ ସନ୍ଧ୍ୟାରେ ପଦ୍ମ ଶିବିରରେ ଯୋଗ ଦେଇଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ରସୁଲପୁର ବ୍ଲକ ଅଧକ୍ଷ, ବହୁ ଜିଲ୍ଲା ପରିଷଦ ଓ ପଂଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ପଦ୍ମ ଧରିଛନ୍ତି । ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ଛିଡ଼ିଛିଡ଼ି ଯାଉଛି ବିଜେଡି। ଜିଲ୍ଲା ନେତୃତ୍ୱ, ବିଧାୟକ ଓ ତୃଣମୂଳସ୍ତରରେ ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କୁ ଛାଡି ଦେଲେ ଭଦ୍ରକରେ ସଂଗଠନ ଦୁର୍ବଳ ହୋଇଯାଇଛି। ଯାଜପୁରରେ ଭାଗ ଭାଗ ହୋଇଯାଇଛି ଦଳ। ପ୍ରଣବ ପ୍ରକାଶ ଦାସ ଓ ପ୍ରୀତି ରଞ୍ଜନ ଘଡ଼େଇ ସମାନ୍ତରାଳ ସଂଗଠନ ଚଳାଇଛନ୍ତି।

◆◆ପୃଷ୍ଠା ୭

## ଶିକ୍ଷାର ମାନଦଣ୍ଡ ବୃଦ୍ଧି ପାଇଁ ଉଚ୍ଚଶିକ୍ଷା ବିଭାଗର ବଡ଼ ନିଷ୍ପତ୍ତି: ଠିକ୍‌ରେ କାମ ନକଲେ ଅଧାପକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୬/୧ (ନି.ପ୍ର): ଅଧାପକମାନଙ୍କୁ ଉଚ୍ଚଶିକ୍ଷା ବିଭାଗର କଡ଼ା ତାଗିଦ୍। କାମ ଠିକରେ ନକଲେ ବାଧ୍ୟତାମୂଳକ ଅବସର ଦେବାକୁ ଧମକ । ଅଧାପକଙ୍କ କାର୍ଯ୍ୟଦକ୍ଷତା ଓ ଆଚରଣ ଯାଞ୍ଚ ପାଇଁ ଉଚ୍ଚଶିକ୍ଷା ବିଭାଗ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି ଉଚ୍ଚଶିକ୍ଷା ବିଭାଗ। ଜାନୁୟାରୀ ୩୧ ସୁଦ୍ଧା ରିପୋର୍ଟ ଦେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି । ଶିକ୍ଷା ମାନଦଣ୍ଡ ବୃଦ୍ଧି ପାଇଁ ଉଚ୍ଚଶିକ୍ଷା ବିଭାଗର କଡା ନିଷ୍ପତ୍ତି ନେଇଛି। କର୍ମକ୍ଷେତ୍ରରେ ଅବହେଳା କରୁଥିବା ଅଧାପକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ । ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ଯେଉଁମାନେ ସଠିକ ଭାବେ କାମ କରୁନାହାନ୍ତି, ଏକାଡେମିକ କଥା ବୁଝୁନାହାନ୍ତି, ଯାହାର କାର୍ଯ୍ୟଦକ୍ଷତା ନାହିଁ ସେମାନଙ୍କ ତାଲିକା ପ୍ରସ୍ତୁତ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି ଉଚ୍ଚଶିକ୍ଷା ବିଭାଗ । ଜାନୁୟାରୀ ୩୧ ସୁଦ୍ଧା ରିପୋର୍ଟ ଦେବାକୁ ଚିଠି କରିଛି ଉଚ୍ଚଶିକ୍ଷା ବିଭାଗ। ଯାହାକୁ ବିରୋଧ କରିଛନ୍ତି ଶିକ୍ଷାବିତ୍। କହିଛନ୍ତି, କଲେଜ ଗୁଡିକରେ ଅଧାପକ ପଦବୀ ଖାଲି ପଡ଼ିଥିବା ବେଳେ ଏମିତି ଧମକ ଦେଇ ଶିକ୍ଷା ବ୍ୟବସ୍ଥା ସଜାଡି ହେବନାହିଁ । ଦକ୍ଷତା ଆକଳନର ସ୍ୱତନ୍ତ୍ରମାନଦଣ୍ଡ ରହିବ କଥା। ଟିଚିଂ, ରିସର୍ଚ୍ଚ, ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ଷ୍ଟୁଡେଣ୍ଟ ଗଭର୍ଣ୍ଣାସ୍ ଭଳି କେଉଁ ମାନଦଣ୍ଡ ଆଧାରରେ ଦକ୍ଷତା ଆକଳନ ହେବ ତାହା ପ୍ରଥମେ ଧାର୍ଯ୍ୟ ହେବା ଦରକାର। ବର୍ତ୍ତମାନ ଅଧିକାଂଶ କଲେଜରେ ନିୟମିତ ଅଧକ୍ଷ ନାହାନ୍ତି।




◆◆ପୃଷ୍ଠା ୭

## ଗଞ୍ଜାମର ବିଭିନ୍ନ ସ୍ଥାନରେ ଇଡିର ୧୦୦ ଜଣିଆ ଟିମର ଚଢ଼ାଉ: ମାଫିଆଙ୍କ ଆଲମିରାରୁ ମିଳିଲା ୨ କୋଟି ନଗଦ ଟଙ୍କା



ଗଞ୍ଜାମ, ୧୬/୧ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ବଡ଼ ଚଢ଼ାଉ। ମଦ ଓ ବାଲି ବ୍ୟବସାୟୀଙ୍କ ଘରେ ଚଢ଼ାଉ ହୋଇଥିବା ବେଳେ, ଜଣଙ୍କ ଆଲମିରାରୁ ଜବତ ହେଲା ପ୍ରାୟ ୨କୋଟି ନଗଦ ଟଙ୍କା । ୧୦୦ ଜଣିଆ ଟିମର ସ୍କାନରରେ ବିଜେଡି ନେତା ଓ ଦଳୀୟ ପୃଷ୍ଠପୋଷକ । ଆୟ ବହିର୍ଭୁତ ସଂପତ୍ତି ଠୁଳ ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ସୂଚନା ମିଳିଥିବା ବେଳେ, ସେମାନଙ୍କ ମୁଣ୍ଡ ଉପରେ ଯେଉଁମାନଙ୍କ ଆଶୀର୍ବାଦର ହାତ ରହିଛି, ସେମାନଙ୍କ ଛାତି ବି ଧଡ଼ଧଡ଼ ହେଲାଣି ।

◆◆ପୃଷ୍ଠା ୭

## କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ବିଚାରପତି ସୁଜୟ ପାଲ୍

ନୂଆଦିଲ୍ଲୀ,୧୬/୧ : ବିଚାରପତି ସୁଜୟ ଲ୍ ଶୁକ୍ରବାର କୋଲକାତା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଭାବେ ପଦ ଏବଂ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ସେ ଜୁନ୍ ୨୦୨୬ ମାସରେ ଅବସର ଗ୍ରହଣ କରିବେ। ସୁପ୍ରିମ କୋର୍ଟ କଲେଜିୟମର ସୁପାରିଶ ଏବଂ ଭାରତ ସରକାରଙ୍କ ଅଧିସୂଚନା ପରେ, ୧୬ ଜାନୁଆରୀ ୨୦୨୬ ଠାରୁ ସେ କଲକାତା ଉଚ୍ଚ ନ୍ୟାୟାଳୟର ୪୪ତମ ମୁଖ୍ୟ ନ୍ୟାୟାଧୀଶ ଭାବେ ନିଯୁକ୍ତ ହୋଇଛନ୍ତି। ଶପଥ ଗ୍ରହଣ ସମାରୋହ ପଶ୍ଚିମବଙ୍ଗର ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ବର୍ତ୍ତମାନ ଏବଂ ପୂର୍ବତନ ନ୍ୟାୟାଧୀଶ, ବିଭିନ୍ନ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ, ରାଜ୍ୟ ସରକାରର ମନ୍ତ୍ରୀ ଏବଂ ବରିଷ୍ଠ ନ୍ୟାୟିକ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ବିଚାରପତି ସୁଜୟ ପଲ୍ ୧୮ ଜୁଲାଇ ୨୦୨୫ ରେ

◆◆ପୃଷ୍ଠା ୭

## ପ୍ରଭୁ ଲିଙ୍ଗରାଜଙ୍କୁ ଉପାସରେ ରଖିବା ଘଟଣା: ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ଥାନାରେ ଏତଲା

ଭୁବନେଶ୍ୱର, ୧୬/୧ (ନି.ପ୍ର): ମକର ସଂକ୍ରାନ୍ତି ସମୟରେ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ କରିବା ଓ ଭୋକିଲା ରଖିବା ଘଟଣା । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ଥାନାରେ ଏତଲା ହୋଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି ଅମରେନ୍ଦ୍ର ଗରାବଡୁ । କାର୍ଯ୍ୟରେ ଅବହେଳା ଯୋଗୁଁ ଉପାସ ରହିଥିଲେ ମହାପ୍ରଭୁ ଲିଙ୍ଗରାଜ । ବନ୍ଦ ରହିଥିଲା ନୀତିକାନ୍ତି । କ୍ଷୀର ଆଉଟା ନୀତିକୁ ନେଇ ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ଠାକୁର ଉପାସ ଥିଲେ। ଠାକୁରଙ୍କ ଘୃତକମ୍ବଳ ନୀତି ହୋଇପାରିନଥିଲା ।

◆◆ପୃଷ୍ଠା ୭

## ଆମେରିକାର ଗ୍ରିନ୍‌ଲାଣ୍ଡ ଦଖଲ ଉଦ୍ୟମକୁ ରୁଷ୍‌ର ବିରୋଧ



ନୂଆଦିଲ୍ଲୀ,୧୬/୧ : ସୁରକ୍ଷା କାରଣ ପାଇଁ ଆମେରିକା ଗ୍ରିନ୍‌ଲାଣ୍ଡ ଦଖଲ ପାଇଁ କହିଥିବାବେଳେ ଏହାକୁ ରୁଷ୍ ବିରୋଧ କରିଛି। ଗ୍ରିନଲାଣ୍ଡ୍ ଡେନମାର୍କର ଏକ ଅଭିନ୍ନ ଅଂଶ ବୋଲି ରୁଷ୍ ଘୋଷଣା କରିଛି। ବିଶ୍ୱର ସବୁଠାରୁ ବୃହତ୍ତମ ଦ୍ୱୀପ ଗ୍ରିନଲାଣ୍ଡ ଦଖଲ ସଂକ୍ରାନ୍ତ ଆମେରିକାର ଉଦ୍ୟମକୁ ରୁଷ୍ ପ୍ରଥମ ଥର ପାଇଁ ଖୋଲାଖୋଲି ବିରୋଧ କରିଛି। ରୁଷ୍ କହିଛି ଯେ ଅନ୍ତର୍ଜାତୀୟ ଦୃଷ୍ଟିକୋଣରୁ ଏହି ଦ୍ୱୀପରେ ସୁରକ୍ଷା ସ୍ଥିତି ଅତ୍ୟନ୍ତ ଅସାଧାରଣ ରହିଛି। ରୁଷ୍ ଏବଂ ଚୀନ୍ ଗ୍ରିନ୍‌ଲାଣ୍ଡକୁ ଧମକାଉଛନ୍ତି ବୋଲି ପଶ୍ଚିମ ରାଷ୍ଟ୍ର ଦାବି କରିବା ଅଗ୍ରହଣୀୟ। ଉକ୍ତ ଅଞ୍ଚଳକୁ ନେଇ ଯେଉଁ ସଙ୍କଟ ଦେଖାଦେଇଛି ସେଥିରୁ ପଶ୍ଚିମ ଶକ୍ତିମାନଙ୍କର ଦୋମୁହାଁ ନୀତି ଧରା ପଡ଼ିଯାଇଥିବା ରୁଷ୍ କହିଛି। ରୁଷ୍ ବିଦେଶ ମନ୍ତ୍ରାଳୟର ସୂଚନା ଏବଂ ପ୍ରେସ୍ ବିଭାଗ ନିର୍ଦ୍ଦେଶକ ମାରିଆ ଜାଖାରୋଭା ନିୟମ ଆଧାରିତ ଅନ୍ତର୍ଜାତୀୟ ନିର୍ଦ୍ଦେଶକୁ କଡ଼ା ସମାଲୋଚନା କରିଛନ୍ତି। ଏହା ପଶ୍ଚିମ ରାଷ୍ଟ୍ରମାନଙ୍କ ଦ୍ୱାରା ସମର୍ଥିତ ବୋଲି ସେ କହିଛନ୍ତି। ଏକ୍ସରେ ଏକ ପୋଷ୍ଟ୍ କରି ରୁଷ ବିଦେଶ ମନ୍ତ୍ରାଳୟ କହିଛି ଯେ ଗ୍ରିନ୍‌ଲାଣ୍ଡରେ ବର୍ତ୍ତମାନର ଉତ୍ତେଜନା ପାଶ୍ଚାତ୍ୟ ରାଷ୍ଟ୍ରର ନିୟମ ଆଧାରିତ ଅନ୍ତର୍ଜାତୀୟ ଶୃଙ୍ଖଳାର ବିଫଳତାକୁ ପଦାରେ ପକାଇ ଦେଇଛି। ତେବେ ଗ୍ରିନ୍‌ଲାଣ୍ଡ ଦଖଲ ପାଇଁ ଆମେରିକାର ଚାପ ମଧ୍ୟରେ କେବଳ ରୁଷ୍ ନୁହେଁ ଡେନମାର୍କର ନାଟୋ ସହଯୋଗୀ ରାଷ୍ଟ୍ରମାନେ ମଧ୍ୟ ଗ୍ରିନଲାଣ୍ଡକୁ ସୈନ୍ୟ ପଠାଇଛନ୍ତି। ଗ୍ରିନଲାଣ୍ଡକୁ ଏବେ ଫ୍ରାନ୍ସ, ଜର୍ମାନୀ ଏବଂ ଇଂଲଣ୍ଡ ସୈନ୍ୟଦଳ ପଠାଇଛନ୍ତି।

## ମଣିପୁରରେ ସେନାର ବଡ଼ କାର୍ଯ୍ୟାନୁଷ୍ଠାନ: କୁକି ସଂଗଠନର ଜଙ୍ଗଲ ଶିବିରକୁ ଧ୍ୱଂସ କଲେ ଯବାନ



ନୂଆଦିଲ୍ଲୀ,୧୬/୧ : ପାରା ସ୍ପେଶାଲ୍ ଫୋର୍ସେସ୍ କମାଣ୍ଡୋ ଓ ଆସାମ ରାଇଫଲ୍ସ ଜାତିଗତ ହିଂସା ପ୍ରଭାବିତ ମଣିପୁରର ପାହାଡ଼ିଆ ଜିଲ୍ଲା ଚୁରାଚାନ୍ଦପୁରର ଜଙ୍ଗଲରେ ବିଦ୍ରୋହୀ ଗୋଷ୍ଠୀ ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି (ୟୁକେଏନ୍‌ଏ)ର ଶିବିରକୁ ଧ୍ୱଂସ କରିଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସହ ଶତ୍ରୁତା ବନ୍ଦ କରିବା ଚୁକ୍ତିର ଅଂଶ ନ ଥିବା ଏହି ନିଷିଦ୍ଧ ଗୋଷ୍ଠୀର ମଣିପୁର ଓ ମ୍ୟାମାରରେ ସୀମା ଆରପଟେ କ୍ୟାମ୍ପ ରହିଛି ବୋଲି ସେମାନେ କହିଛନ୍ତି । ଅଧିକାରୀମାନେ କହିଛନ୍ତି ଯେ କମାଣ୍ଡୋ ଓ ଆସାମ ରାଇଫଲ୍ସ ଦଳ ହେଲିକପ୍ଟର ବ୍ୟବହାର କରି ଜଙ୍ଗଲରେ ପ୍ରବେଶ କରିଥିଲେ ଏବଂ ଏହି ଅପରେସନ୍ ଚୁରାଚାନ୍ଦପୁରରେ ସୀମିତ ଥିଲା। ମଣିପୁରରେ ଉତ୍ତେଜନା ହ୍ରାସ କରିବା ଏବଂ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ଏହି ମିଳିତ ଅପରେସନ୍ କରାଯାଇଥିଲା। ସରକାରଙ୍କ ପୁନର୍ବାସ ପଦକ୍ଷେପର ପ୍ରଥମ ପର୍ଯ୍ୟାୟ ଭାବରେ ପୁନଃଥଇଥାନ ହୋଇଥିବା ଆଭ୍ୟନ୍ତରୀଣ ବିସ୍ଥାପିତଙ୍କ ଘର ଉପରେ ଗୁଳି ଚଳାଇବାରେ ଅନେକ

◆◆ପୃଷ୍ଠା ୭

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୬/୧ (ନି.ପ୍ର): ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ମାଛକୁଣ୍ଡ ଥାନା ଅଂଚଳର ମହେନ୍ଦ୍ର ପାଙ୍ଗି। ଜୟପୁର ଆଦର୍ଶ ନଗର ବ୍ଲୁଡାର୍ଟ କୋରିଅରରୁ ଚୋରି ହୋଇଥିଲା। ଏନେଇ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରି ଚୋରି ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି ଟାଉନ ପୋଲିସ। ଗତ ୧୩ ତାରିଖରେ ଆଦର୍ଶ ନଗର ଅଂଚଳରେ ଥିବା ବ୍ଲୁଡାର୍ଟ କୋରିଅରରୁ ଲକ୍ଷାଧିକ ସାମଗ୍ରୀ ଚୋରି ହୋଇଥିବା ନେଇ କୋରିଅର ମ୍ୟାନେଜର ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତିକରି ଟାଉନ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ଆଜି ମାଛକୁଣ୍ଡ ଥାନା ଅଂଚଳର ମହେନ୍ଦ୍ର ପାଙ୍ଗୀକୁ ଗିରଫ କରି ତା'ଠାରୁ ଗୋଟିଏ ଏଲ୍‌ଇଡି ମନିଟର, ଭିଭୋ ମୋବାଇଲ ଫୋନ୍, ୱାନପ୍ଲସ ମୋବାଇଲ, ଗୋଟିଏ ପ୍ରିଂଟର, ଦୁଇଟି ସିସିଟିଭି କ୍ୟାମେରା, ବୁଲେଟ କ୍ୟାମେରା, ବ୍ଲୁଡାର୍ଟ କୋରିଅର ବ୍ୟାଗ ଜବତ କରାଯିବା ସହ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

## ଦଦରା କୁଡ଼ିଆ ଭିତରେ କୋମଳମତି ଶିଶୁ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚାଲିଛି ପାଠପଢା

ମାଲକାନଗିରି, ୧୬/୧ (ନି.ପ୍ର): ଅଙ୍ଗନବାଡ଼ି ଯେଉଁଠି, ସ୍କୁଲ ସେଇଠି । କେମିତି ପଢ଼ିବୁ ଏକାଠି । ଏକଥା କହୁଛି ଉପାନ୍ତ ଅଂଚଳର ଛାତ୍ରଛାତ୍ରୀ । ଘାଟିରେ ଏମିତି ଚାଲିଛି ଶିକ୍ଷା ବ୍ୟବସ୍ଥା। ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ବି ଶିକ୍ଷା ପାଇଁ ନାହିଁ ଆବଶ୍ୟକୀୟ ଭିତିଭୂମି। ଗୋଟିଏ ଦଦରା କୋଠରୀରେ ଚାଲିଛି ପିଲାଙ୍କ ପାଠପଢ଼ା। ଗୋଟିଏ ସ୍ଥାନରେ ପ୍ରାକ୍ ଶିକ୍ଷା ଓ ବିଦ୍ୟାଳୟ। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଉପାନ୍ତ ତାଗାବେଡ଼ା ଗାଁରୁ ଆସିଛି ଶିକ୍ଷା ବ୍ୟବସ୍ଥାର ଏମିତି ବିକଳ ଚିତ୍ର। ପାହାଡ ଉପରେ ଏମିତି ଶିକ୍ଷା ପାଇଁ ଭିତିଭୂମିର ଚିତ୍ର। ପାହାଡ଼ି ଗାଁର ଶିକ୍ଷା ସ୍ଥିତି। ବେହାଲ କରୁଛି ବ୍ୟବସ୍ଥିତ ଶିକ୍ଷା ବ୍ୟବସ୍ଥାର ଉପସ୍ଥିତି। ତାଗାବେଡ଼ା ଗାଁରେ ଦଦରା ମାଟି କୁଡ଼ିଆର ଗୋଟିଏ କୋଠରୀ ଭିତରେ ଏକାଠି ଚାଲିଛି ପ୍ରାକ୍ ଶିକ୍ଷା ଓ ବିଦ୍ୟାଳୟ। ସକାଳେ ଅଙ୍ଗନବାଡି ପିଲାଙ୍କୁ ବସାଇ ପାଠ ପଢାଉଛନ୍ତି ଅଙ୍ଗନବାଡି ଦିଦି ଏବଂ ଦିନ ତମାମ ଏହି ଗୋଟିଏ କୋଠରୀରେ ବିଦ୍ୟାଳୟ ଚାଲିଛି। ପଲିଥିନ ଘୋଡାଇ ବର୍ଷସାରା ପ୍ରାକ ଏବଂ ବିଦ୍ୟାଳୟ ଏହି ଦଦରା କୋଠରୀରେ ଚାଲିଛି। ପ୍ରଶାସନ ପକ୍ଷରୁ ଆଜି ଯାଏଁ ଘର ଖଣ୍ଡିଏ ହୋଇପାରିନଥିବାରୁ ବିପଦସଙ୍କୁଳ କୋଠରୀ ଭିତରେ ପାଠ ପଢୁଛନ୍ତି ଉଭୟ ପ୍ରାକ୍ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ। ଚଳିତ ବର୍ଷ ତାଗାବେଡ଼ା ଗାଁର ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଅର୍ଥ ଅନୁମୋଦନ ହୋଇଛି। ହେଲେ ଘାଟି ଅଂଚଳ ହୋଇଥିବାରୁ କୋଠା ନିର୍ମାଣ କରିବାକୁ ବ୍ଲକ ପ୍ରଶାସନ ସକ୍ଷମ ହୋଇପାରୁନି।

ଏପଟେ ବ୍ଲକର ଶିକ୍ଷା ଭିତିଭୂମି କଥା ନ କହିବା ଭଲ। ଖଇରପୁଟ ବ୍ଲକରେ ଶିକ୍ଷା ବିଭାଗର ୧୩୬ଟି ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ବଣ୍ଡାଘାଟିର ତାଗାବେଡ଼ା, ରାମଲିଗୁଡ଼ା, କିଚପଡ଼ା, ସିନ୍ଧିଗୁଡ଼ା, ଖାଲଗୁଡ଼ା ବିଦ୍ୟାଳୟର କୋଠା ନାହିଁ। ତାଗାବେଡ଼ା ପାଇଁ କୋଠା ନିର୍ମାଣ କରିବାକୁ ଅର୍ଥ ମଞ୍ଜୁର ହୋଇଛି। ହେଲେ ତିଆରି ହୋଇପାରୁନି। ସେହିପରି ଖଇରପୁଟ ବ୍ଲକର ଘାଟି ଅଂଚଳରେ ୧୮ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ଅଧିକାଂଶ ଅଧପନ୍ତରିଆ ଥିବାବେଳେ ୫ଟି ଅଙ୍ଗନବାଡି କେନ୍ଦ୍ରର କୋଠା ନିର୍ମାଣ ଆରମ୍ଭ ହୋଇନାହିଁ। ଫଳରେ ଦଦରା କୁଡ଼ିଆ ଭିତରେ କୋମଳମତି ଶିଶୁ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ବିପଦ ମୁଣ୍ଡାଇ ପାଠ ପଢୁଛନ୍ତି ।

## ଉଦୟଗିରି ଶୋଭନୀୟ ଶିକ୍ଷାଶ୍ରମରେ ଫ୍ରାନ୍ସର ଦୁଇ ଶାନ୍ତିଦୂତ

ଧର୍ମଶାଳା, ୧୬/୧ (ନି.ପ୍ର): ଆନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଯାଜପୁର ଜିଲା ଉଦୟଗିରିସ୍ଥ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମକୁ ଫ୍ରାନସର ଦୁଇ ଶାନ୍ତିଦୂତ ମିଷ୍ଟର ଆଭେ ୱାଲେଟ୍ ଓ ମିସେସ୍ ଲାରା ଡଫ୍ ଅତିଥି ଭାବେ ପଂହଚି ଶିକ୍ଷାଶ୍ରମର ଅନ୍ତେବାସୀମାନଙ୍କୁ ଫ୍ରାନସ୍ ଦେଶ, ରାଜଧାନୀ ପ୍ୟାରିସ୍ ଓ ସେଠାରେ ଗ୍ରାମ୍ୟ ଜୀବନ ଓ ବିଦ୍ୟାଳୟ ଜୀବନ ବିଷୟରେ ନିଜର ଅନୁଭୂତିରେ ଆମ ଜାତି, ମଣିଷ ଜାତି ଆମେ ବିଶ୍ୱରେ ଶାନ୍ତି ଚାହୁଁ ବୋଲି ଦେଶର ମାନଚିତ୍ର, ପଶୁ, ପକ୍ଷୀ ଏସବୁ ବିଷୟ ଧାରଣା ଦେବାସହ ଏମାନଙ୍କର ସମସ୍ତଙ୍କର ଜୀବନ ରହିଛି, ସେମାନଙ୍କ ପ୍ରତି ଦୟା ରହିବା ଦରକାର ବୋଲି ବୁଝାଇଥିଲେ। ପୂଜ୍ୟଶ୍ରୀ କୁମାର ଭାଇଙ୍କ ବିଶ୍ୱଶାନ୍ତି ନିମନ୍ତେ ବାର୍ତା ଏବଂ ସଂଗୀତ ଶୁଣି ମନ୍ତ୍ରମୁଗ୍ଧ ବୋଲି ଆତ୍ମ ପ୍ରକାଶ କରିଥିଲେ। ଦୁଇ ବିଦେଶୀଙ୍କ ସହ ବାର୍ତାଳାପ ବେଶ୍ ଲାଭଦାୟକ ହେବ ବୋଲି ଅନ୍ତେବାସୀମାନେ ମତପ୍ରକାଶ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ଡଃ ସୁବୋଧ ରାଉତରାଏ ଓ ସମ୍ମାନୀତ ଅତିଥିଭାବେ ନିରାକାର ବେଉରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ବରଦା ମହାନ୍ତି, ମମତା ପ୍ରଧାନ, ମନୋରମା ଦେବୀ ଓ ଇଂ ଦୟାନିଧି ରାଉତଙ୍କ ସହ ସମସ୍ତ ଶିକ୍ଷାକର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଦୁଇ ବିଦେଶୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେମାନଙ୍କୁ ଉଦୟଗିରି ବୌଦ୍ଧପୀଠ, ହୀରକ ତ୍ରିଭୂଜରେ ଅନୁଷ୍ଠିତ ହେଉଥିବା ଗୁରୁ ପଦ୍ମ ସମ୍ଭବ ସମ୍ମିଳନୀକୁ ନିମନ୍ତ୍ରଣ କରିଥିଲେ। ନିର୍ଦ୍ଦେଶିକା ଗୁରୁମା ମଝିପଡ଼ାସ୍ଥିତ ଅସ୍ଥାୟୀ ଗୃହରେ ଅବସ୍ଥାନ କରୁଥିବା ବୌଦ୍ଧଭିକ୍ଷୁଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଜାପାନ ଓ ଅନ୍ୟାନ୍ୟ ସ୍ଥାନର ବୌଦ୍ଧଭିକ୍ଷୁ ଦେଶବିଦେଶର ପର୍ଯ୍ୟଟକ, ପ୍ରଶାସନିକ ଅଧିକାରୀ, ଆଶ୍ରମରେ ରହିବାର ସମସ୍ତ ବ୍ୟବସ୍ଥା କରିଛନ୍ତି। ଶୋଭାନୀୟ ବାହିନୀ ଦ୍ୱାରା ଶତାଧିକ ଗୁରୁମା ଓ ଛାତ୍ରଛାତ୍ରୀମାନେ ବୌଦ୍ଧପୀଠ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଦୁଇ ଅତିଥିଙ୍କୁ ଗୁରୁ ପଦ୍ମ ସମ୍ଭବଙ୍କ ନିମନ୍ତେ ଉତ୍ସର୍ଗୀକୃତ ପୁସ୍ତକ 'ଯୁବସୂର୍ଯ୍ୟ' ଓ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ପୁରୀ ସାଇବର ଥାନାର ୨୦୨୫ ବର୍ଷ ପାଇଁ ସଫଳତା

ପୁରୀ, ୧୬/୧ (ନି.ପ୍ର): ଡିଜିଟାଲ୍ ଯୁଗରେ ବଢୁଥିବା ସାଇବର ଅପରାଧ, ଅନଲାଇନ୍ ଠକେଇ, ନକଲି ସୋସିଆଲ୍ ମିଡିଆ ଆକାଉଂଟ, ନକଲି ୱେବସାଇଟ୍ ଓ ଭୁଲ୍ ମୋବାଇଲ୍ ନମ୍ବର ମାଧ୍ୟମରେ ହେଉଥିବା ଅପରାଧକୁ ରୋକିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ଅଧିନସ୍ଥ ପୁରୀ ସାଇବର ଥାନା ଦ୍ୱାରା ବର୍ଷ ୨୦୨୫ରେ ଏକ ଦୃଢ଼, ସକ୍ରିୟ ଓ ପ୍ରଭାବଶାଳୀ କାର୍ଯ୍ୟବାହୀ କରାଯାଇଛି। ମାମଲା ରେଜିଷ୍ଟ୍ରେସନ୍ ଓ ଗିରଫ ପୁରୀ ସାଇବର ଥାନାରେ ସମୁଦାୟ ୩୧ଟି ସାଇବର ସଂପର୍କିତ ଏଫ୍‌ଆଇଆର୍ ରେଜିଷ୍ଟ୍ର ହୋଇଛି। ସମସ୍ତ ମାମଲାକୁ ଗୁରୁତ୍ୱ ସହିତ ତଦନ୍ତ କରାଯାଇ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅଭିଯୁକ୍ତମାନେ ଅନଲାଇନ୍ ଆର୍ଥିକ ଠକେଇ, ଡିଜିଟାଲ୍ ଓ ନକଲି ପରିଚୟ ମାଧ୍ୟମରେ ଲୋକମାନଙ୍କୁ ଠକିବା ସହିତ ଜଡିତ ଥିବା ଜଣାପଡ଼ିଛି। ମୋଟ ୫୮ କୋଟି ୪୦ଲକ୍ଷ ଟଙ୍କା ଫ୍ରିଜ କରାଯାଇଛି। ସାଇବର ଅପରାଧ ଦ୍ୱାରା ହେଉଥିବା ଆର୍ଥିକ କ୍ଷତିକୁ ରୋକିବା ପାଇଁ ପୁରୀ ସାଇବର ଥାନା ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିଛି। ବର୍ଷ ୨୦୨୫ ମସିହାରେ ମୋଟ ୫୮କୋଟି ୪୦ ଲକ୍ଷ ଟଙ୍କା ରାଶିକୁ ହୋଲ୍ଡ କରି ସେଭ୍ କରାଯାଇ ଅନେକ ନିର୍ଦ୍ଦୋଷ ନାଗରିକଙ୍କୁ ବଡ଼ ଆର୍ଥିକ କ୍ଷତିରୁ ରକ୍ଷା କରାଯାଇଛି। ନକଲି ସୋସିଆଲ୍ ମିଡିଆ, ୱେବସାଇଟ୍ ଓ ମୋବାଇଲ୍ ନମ୍ବର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ସାଇବର ଅପରାଧୀମାନଙ୍କ ନେଟୱର୍କକୁ ଭାଙ୍ଗିବା ଉଦ୍ଦେଶ୍ୟରେ ପୁରୀ ସାଇବର ଥାନା ଦ୍ୱାରା ୨୩୦ଟି ନକଲି/ଅପରାଧିକ ସୋସିଆଲ୍ ମିଡିଆ ଆକାଉଂଟ ବ୍ଲକ୍ କରିଛି। ୭୦ଟି ନକଲି ୱେବସାଇଟ୍ ବ୍ଲକ୍, ୬୪ଟି ନକଲି ମୋବାଇଲ୍ ନମ୍ବର ବ୍ଲକ୍ କରାଯାଇଛି। ଏହା ଫଳରେ ଭବିଷ୍ୟତରେ ଅନେକ ସମ୍ଭାବ୍ୟ ସାଇବର ଠକେଇକୁ ଅଟକାଯିବା ସମ୍ଭବ ହୋଇଛି। ଏସ୍‌ପି ପ୍ରତୀକ ସିଂଙ୍କ ଜଣାଇଛନ୍ତି ସାଇବର ଅପରାଧ ଏକ ଗମ୍ଭୀର ଚ୍ୟାଲେଞ୍ଜ। ପୁରୀ ପୋଲିସ ସାଧାରଣ ଜନତାଙ୍କ ଆର୍ଥିକ ଓ ଡିଜିଟାଲ୍ ସୁରକ୍ଷା ପାଇଁ ପୂର୍ଣ୍ଣ ଭାବେ ପ୍ରତିବଦ୍ଧ। ସାଇବର ଅପରାଧ ଘଟିଲେ ତୁରନ୍ତ ଅଭିଯୋଗ କଲେ ଟଙ୍କା ରିକଭରିର ସମ୍ଭାବନା ବଢ଼ିଥାଏ। ଲୋକମାନେ ସଚେତନ ରୁହନ୍ତୁ ଓ ସନ୍ଦିଗ୍ଧ ଲିଙ୍କ୍, କଲ୍ ଓ ଓଟିପି ଠାରୁ ଦୂରେଇ ରୁହନ୍ତୁ। ଡିଜିଟାଲ୍ ଅପରାଧ ହେଲ୍ପଲାଇନ୍ ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ କୌଣସି ପ୍ରକାର ଡିଜିଟାଲ/ସାଇବର ଅପରାଧ ଘଟିଲେ ତୁରନ୍ତ ହେଲ୍ପଲାଇନ୍ ନମ୍ବର ୮୨୮୦୪୯୧୩୦୦ରେ ସମ୍ପର୍କ କରନ୍ତୁ। ପୁରୀ ସାଇବର ଥାନା ଆଗାମୀ ଦିନରେ ମଧ୍ୟ ସାଇବର ଅପରାଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖି ପୁରୀ ଜିଲ୍ଲାକୁ ଏକ ସୁରକ୍ଷିତ ଡିଜିଟାଲ୍ ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ପ୍ରତିବଦ୍ଧ। ଆମେ ସମସ୍ତେ ଏକ ବାହନ ହେଲେ ଏହା ସଫଳ ହେବ।

## ନିମାପଡାରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟିତ : ଇନପୁଟ ସବସିଡି କୃଷକ ମାନଙ୍କୁ ଧାନ ଚାଷ ପ୍ରତି ଆଗ୍ରହୀ କରୁଛି- ଉପ ମୁଖ୍ୟମନ୍ତ୍ରୀ

ପୁରୀ, ୧୬/୧ (ନି.ପ୍ର): ପୁରୀ ଜିଲ୍ଲାରେ ୨୦୨୫-୨୬ ମସିହା ଖରିଫ ଋତୁ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମାପଡା ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନ ମଣ୍ଡିରେ ଧାନ କ୍ରୟର ଶୁଭ ଉଦଘାଟନ ହୋଇଛି। ଏହି ଜିଲ୍ଲାସ୍ତରୀୟ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଆମ ସରକାର କୃଷି ଓ କୃଷକଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ରହିଛି। ଆମ ପ୍ରତିଶ୍ରୁତି ମୁତାବକ ଅତିରିକ୍ତ ସହାୟତା ସହ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣା ଯାଇଥିଲା। ଏଥିପାଇଁ ଚାଷ ପ୍ରତି ବିମୁଖ ହେଉଥିବା କୃଷକମାନେ ପୁଣି ଚାଷ ପ୍ରତି ଆଗ୍ରହ ଦେଖେଇଲେଣି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୧୦ ହଜାରରୁ ଅଧିକ କୃଷକ ପଞ୍ଜିକରଣ କରିବା ତାହାର ବଡ ଉଦାହରଣ ବୋଲି ସେ କହିଥିଲେ। ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ସୁରୁଖୁରୁରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଧାନ ସଂଗ୍ରହକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଅଧିକ ୯ ଗୋଟି ଅର୍ଥାତ ୧୯୬ଟି ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମତୀ ପରିଡା କହିଥିଲେ। ନିଜ ଉତ୍ପାଦିତ ଫସଲର ସ୍ୱାଦ ନିଆରା। ତେଣୁ ଆବଶ୍ୟକତା ଅନୁସାରେ ନିଜ ପରିବାର ପାଇଁ ପ୍ରଥମେ ଉତ୍ପାଦିତ ଧାନକୁ ରଖି ବଳକା ଧାନକୁ ବିକ୍ରି ପାଇଁ ଆଣିବାକୁ ଉପ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପ ମୁଖ୍ୟମନ୍ତ୍ରୀ ନଡ଼ିଆ ଭାଙ୍ଗି ମଣ୍ଡି ଉଦଘାଟନ କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୯,୯୮୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି ଯାହା ଗତବର୍ଷ ଅପେକ୍ଷା ୧୦୭୧୯ ଅଧିକ।ପ୍ରଥମ ପର୍ଯ୍ୟାୟରେ ବର୍ତମାନ ସୁଦ୍ଧା ୫୦,୫୫୨ ଟୋକେନ୍ ବଂଟନ କରାଯାଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୨,୦୪,୦୦୦ କ୍ୱିଂଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ଦିଆଯିବ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ପଞ୍ଜୀକୃତ ହୋଇଥିବା ମୋଟ ୧୯୩ ଟି ପ୍ରାଥମିକ କୃଷି ସମବାୟ ସମିତି, ଗୋଟିଏ ଅତିରିକ୍ତ ସମିତି ଏବଂ ୩ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ମାଧ୍ୟମରେ ଧାନ କ୍ରୟ କରାଯାଉଅଛି ବୋଲି ଯୋଗାଣ ଅଧିକାରୀ ଓ ଡିଆରସିଏସ ସୂଚନା ଦେଇଛନ୍ତି। ପ୍ରାରମ୍ଭରେ ଡିଆରସିଏସ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ ସମ୍ପର୍କରେ ବିବିଧ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିମାପଡା ବି.ଡ଼ି.ଓ. ଡଃ. ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡଃ. ମନୋଜ କୁମାର ପ୍ରଧାନ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଯଚିନ୍ଦ୍ର ସ୍ୱାଇଁ, ମୀନଲତା ମହାନ୍ତି, କୋଟସଙ୍ଗ ଓ ଶଗଡା ପଂଚାୟତର ସରପଂଚ, ନିମାପଡା ଆରଏମସି ର ସମ୍ପାଦକ ସୁଶାନ୍ତ ରାଉତ, ଏଆରସିଏସ ସନାତନ ବେହେରା, ଏସଆରସିଏସ ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପାକ୍ସ ର କର୍ମକର୍ତା, ମିଲର ଓ କୃଷକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ପ୍ରକାଶ ସେନାପତି ମଂଚ ସଂଚାଳନ କରିଥିଲେ।

## ବେଲରଦନା ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ

ନୂଆପଡା, ୧୬/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ନରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସିଆଲଟି ପଂଚାୟତର ବେଲରଦନା ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ସି ଡି ଏମ୍ ଓ ଡଃ ଧନେଶ୍ୱର ସେଠୀ, କୋମନା ବିଡ଼ିଓ ସର୍ବେଶ୍ୱର ଜାଲ, ସ୍ଥାନୀୟ ସରପଂଚ କାଳିଆ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ପଂଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ନୈନା ସାହୁକୁ କୋଳରେ ଧରି ତାହାର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ରୋପଣ ପାଇଁ ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଏହାପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭାରେ ଅତିଥି ଏବଂ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଜନ ସାଧାରଣଙ୍କୁ ପ୍ରବାସୀ ଶ୍ରମିକ ପ୍ରଥାର ଅପକାରୀତା ଓ ଏହାକୁ କିଭଳି ଭାବେ ନିରାକରଣ କରାଯାଇ ପାରିବ ସେ ବିଷୟରେ ସୂଚନା ଦେଇଥିଲେ । ଏହା ସହିତ ନୂଆପଡ଼ା ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ, ଘର ପାଖରେ ବିଭିନ୍ନ ଶ୍ରମଭିତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ । ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକ ମାନଙ୍କୁ ଖାଦ୍ୟ, ଉତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଆମେ ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ମନରେଗା ଯୋଜନାରେ ୧୦୦ରୁ ଅଧିକ ଦିନ କାମ କରିଥିବା ଶ୍ରମିକ ମାନଙ୍କୁ ଯେଉଁ ହିତାଧୀକାରୀ ମାନେ ସମୟ ପୂର୍ବରୁ ଆବାସ ଗୃହ ନିର୍ମାଣ କାର୍ଯ୍ୟ ସାରିଛନ୍ତି ଏବଂ ସଫେଇ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରମ ବିଭାଗ ତରଫରୁ ନୂତନ ଲେବର୍ କାର୍ଡ଼, ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା ଇତ୍ୟାଦି ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ମନଯୋଗ ସହକାରେ ଶୁଣିଥିବାରୁ ଉର୍ମିଳା ଦିପ ଓ ଗଣେଶ ଧରୁଆଙ୍କୁ ଭଲ ଶ୍ରୋତା ହିସାବରେ ଜିଲ୍ଲାପାଳ ସମ୍ମାନିତ କରିଥିଲେ । ସ୍ଥାନୀୟ ଛାତ୍ରୀ ଓ କଳାକାର ମାନେ ଆକର୍ଷଣୀୟ ନୃତ୍ୟ ଗୀତ ପରିବେଷଣ କରିଥିଲେ । ଏହାପରେ ବନ ବିଭାଗ ପକ୍ଷରୁ ଆୟୋଜିତ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ସହିତ ପକ୍ଷୀ ମାନଙ୍କ ପାଇଁ ବସା ଓ ମାଟି ନିର୍ମିତ ପାଣି ଏବଂ ଖାଦ୍ୟ ପାତ୍ର ଗଛ ମାନଙ୍କୁ ଝୁଲାଇ ଦିଆଯାଇଥିଲା । ଏହି ଶିବିରକୁ କୋମନା ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ ଗୀତା, କୋମନା ସିଡିପିଓ ଦେବକୀ ମଲ୍ଲିକ, ସ୍ଥାନୀୟ ସରପଂଚ, ବନ ବିଭାଗ, ପଂଚାୟତିରାଜ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ।

## ଆଜିଠୁ ୨୩ ତାରିଖ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ମେଳା

ଖୋର୍ଦ୍ଧା, ୧୬/୧ (ନି.ପ୍ର): ଜିଲ୍ଲା ପ୍ରଶାସନ ଓର୍ମାସ ପକ୍ଷରୁ ଚଳିତ ମାସ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ୨୦୨୫-୨୬ ବର୍ଷର ସପ୍ତ ଦିବସୀୟ ପଲ୍ଲୀଶ୍ରୀ ମେଳା ଜିଲ୍ଲା ସଦର ମହକୁମାସ୍ଥ ଟିଏଲସି ରୋଡ଼ ବିଡିଏ ପଡ଼ିଆରେ ଅନୁଷ୍ଠିତ ହେବ । ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ଭିଜନ, ବିକଶିତ ଓଡ଼ିଶା ଅ୨୦୩୬ ଏବଂ ଏହା ବିକଶିତ ଭାରତ ଅ୨୦୪୭ କୁ ସାକାର କରିବା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳ ଓ ଆତ୍ମ ନିର୍ଭର ଭାରତ ଭିତିଭୂମିକୁ ସୁଦୃଢ କରିବା ପାଇଁ ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ନିମନ୍ତେ ସୁଭଦ୍ରା ଶକ୍ତି ମେଳା ମଧ୍ୟ ଅନୁଷ୍ଠିତ ହେବ । ସରକାରଙ୍କ ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଆସିଥିବା ସ୍ୱଦେଶୀ ଜ୍ଞାନ କୌଶଳ ଏବଂ ଆତ୍ମ ନିର୍ଭର ଭାରତ ଅଭିଯାନକୁ ସଫଳ କରିବା ଦିଗରେ ଆଂଚଳିକ ଜ୍ଞାନ କୌଶଳକୁ ବିଶ୍ୱସ୍ତରୀୟ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ମେଳାରେ ୧୦୦ ବର୍ଗ ଫୁଟ ପ୍ରତ୍ୟେକ ଷ୍ଟଲର ପରିଧିରେ ୨୧୦ ଗୋଟି ଷ୍ଟଲ ନିର୍ମାଣ ହେବାପାଇଁ ସ୍ଥିର କରାଯାଇଛି କ୍ଷ ସେହିପରି ମେଳାର ନିରାପତା ସୁରକ୍ଷା ବ୍ୟବସ୍ଥା, ବିଜୁଳି ଆଲୋକ ଯୋଗାଣ, ପାନୀୟ ଜଳ ଯୋଗାଣ, ଅଗ୍ନିଶମ ସେବା, କ୍ଲୋଜ ସର୍କିଟ କ୍ୟାମେରା ଲଗାଇବା, ପରିଷ୍କାର ପରିଚ୍ଛନ୍ନ ଓ ପରିମଳ ବ୍ୟବସ୍ଥା, ଭ୍ରାମ୍ୟମାଣ ଏଟିଏମ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ଓ ଆମ୍ବୁଲାନ୍ସ ସେବା, ଷ୍ଟଲ ଗୁଡ଼ିକୁ ବୀମାଭୁକ୍ତ କରିବା ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ଚିତାକର୍ଷକ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଣୁ ସହରର ସମସ୍ତ ଜନସାଧାରଣ ତଥା ଜିଲ୍ଲାର ସମସ୍ତ ଜନସାଧାରଣ ଏହି ସପ୍ତ ଦିବସୀୟ ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ଘର କରଣା ଜିନିଷ କିଣିବା ସହ ନିଜର ଅଭିଜ୍ଞତା ହାସଲ କରି ପଲ୍ଲୀଶ୍ରୀ ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ । ପଲିଶ୍ରୀ ମେଳାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ଶିଶୁ ମନ୍ଦିର ରାସ୍ତାରୁ ଧୋବା ସାହି ରାସ୍ତା ବିଚ୍ଛିନ୍ନ ଦାବିରେ ପିଲାଙ୍କ ଧାରଣା

ଭୁବନ, ୧୬/୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ବିବେକାନନ୍ଦ ଶିଶୁ ମନ୍ଦିର ମୁଖ୍ୟ ରାସ୍ତାରୁ ଧୋବାସାହି ଗାଁ ରାସ୍ତାକୁ ବିଚ୍ଛିନ୍ନ କରିବାକୁ ଦାବି ହୋଇଛି । ସରପଂଚଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ୱେ ସମସ୍ୟା ସମାଧାନ ନହେବାରୁ ସ୍କୁଲ ପିଲାମାନେ ଧାରଣାରେ ବସିଥିଲେ।

ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଯମୁନାକୋଟ ଗ୍ରାମପଂଚାୟତ ଅଧୀନରେ ୫ ଲକ୍ଷ ଟଙ୍କା ବ୍ୟୟରେ ମନରେଗା ( ଭି ବି ଜିରାମ ଜି) ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଶିଶୁ ମନ୍ଦିର ମୁଖ୍ୟ ରାସ୍ତା ସହ ସଂଯୋଗ କରାଯିବା ଫଳରେ ଦୈନିକ ଟ୍ରକ୍, ଟ୍ରାକ୍ଟର, ମୋଟର ସାଇକେଲ ଏହି ରାସ୍ତାରେ ଯିବା ଆସିବା କରୁଛି । ଏଥିପାଇଁ କୋମଳମତି ଶିଶୁ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ପୂର୍ବରୁ ଧୋବା ସାହିକୁ ଅଲଗା ଜାଗାରୁ ରାସ୍ତା ଥିବାବେଳେ ବର୍ତମାନ ହୀନ ରାଜନୈତିକ ଉଦ୍ଦେଶ୍ୟରେ ଏହି ରାସ୍ତାକୁ ଶିଶୁ ମନ୍ଦିର ରାସ୍ତାରେ ସଂଯୋଗ କରାଯାଇଛି ଓ ଶିଶୁ ମନ୍ଦିରକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି । ରାସ୍ତା ନିର୍ମାଣ ଆରମ୍ଭରୁ ଶିଶୁ ମନ୍ଦିର ସମ୍ପାଦକ ଏହି ରାସ୍ତାକୁ ଅନ୍ୟତ୍ର ନେବାପାଇଁ ସ୍ଥାନୀୟ ସରପଂଚ ରଞ୍ଜନ ବାରିକଙ୍କୁ ନିବେଦନ କରିଥିଲେ । ସରପଂଚ ଶ୍ରୀ ବାରିକ ଧୋବା ସାହି ରାସ୍ତା ଅନ୍ୟ ସ୍ଥାନରେ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ପରବର୍ତୀ ସମୟରେ ଏହି ରାସ୍ତାକୁ ଶିଶୁ ମନ୍ଦିର ମୁଖ୍ୟ ରାସ୍ତାରେ ସଂଯୋଗ କରାଯାଇଥିଲା । ଗତ ୧୨ ତାରିଖ ସୋମବାର ଦିନ ସ୍କୁଲ ପିଲାମାନେ ଛୁଟି ହେବା ସମୟରେ ଦୁଇଟି ଟ୍ରାକ୍ଟର ମୁହାଁ ମୁହିଁ ହୋଇ ହୋଇଥିଲେ । ଦୁର୍ଭାଗ୍ୟକୁ ଗୋଟିଏ ପିଲା ଟ୍ରାକ୍ଟର ମଝିରେ ଫସି ଯାଇ ଚିତ୍କାର କରିବାରୁ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ଗୁରୁଜୀ, ଗୁରୁମା ମାନେ ଉଦ୍ଧାର କରିଥିଲେ । ତହିଁ ପରଦିନ ଶିଶୁଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ତରଫରୁ ସିମେଂଟ ଖୁଂଟ ସହ ତାରବାଡ ଦିଆଯାଇଥିଲା । ୧୪ ତାରିଖ ମକର ସଂକ୍ରାନ୍ତି ଛୁଟି ଥିବାବେଳେ ଦୁର୍ବୃତମାନେ ଏହି ତାରବାଡ ଭାଙ୍ଗି ଦେଇଥିଲେ । ଏଥି ସକାଶେ ସ୍ଥାନୀୟ ସରପଂଚଙ୍କୁ ଅବଗତ କରାଇ ଗୁରୁବାର ଶିଶୁମନ୍ଦିର ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମା ମାନେ ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧାରଣା ଦେଇଥିଲେ ।

ଅର୍ଥ ହଡ଼ପ କରିବା ଉଦ୍ଦେଶ୍ୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅତ୍ୟନ୍ତ ତରବରିଆ ଓ ଯାହି ତାହି ଭାବେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାମ କରାଯାଉଛି । ପ୍ରାୟ ୫୦ ଟ୍ରିପ ( ଟ୍ରାକ୍ଟର) ମାଟି, ମୋରମ ପକାଇ ୫ ଲକ୍ଷ ଟଙ୍କା ଆତ୍ମସାତ କରିବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ ହୋଇଛି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ପିଲାଙ୍କ ସୁରକ୍ଷା ପ୍ରତି ଦୃଷ୍ଟିଦେଇ ଏହି ରାସ୍ତା କାମର ତଦନ୍ତ କରିବା ସହ ଧୋବା ସାହି ରାସ୍ତାକୁ ଅନ୍ୟତ୍ର ସଂଯୋଗ କରିବାକୁ ଦାବି ହୋଇଛି ।

## ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା ଅବସରରେ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା : ବିଭୋର କଲା ଏକକ ଅଭିନୟ ଓ ଦଳଗତ ନୃତ୍ୟ

ଭବାନୀପାଟଣା, ୧୬/୧ (ନି.ପ୍ର):୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଅବସରରେ ମହିଳା ଉପସମିତି ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, କଳାହାଣ୍ଡି ଉତ୍ସବ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଶାନ୍ତନୁ ବେହେରା, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ନିବେଦିତା ସାହୁ, ଶିକ୍ଷାବିତ ସବିତା ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାସ, ଡ. ଦୀନବନ୍ଧୁ ଯୋଶୀ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଦେବେନ୍ଦ୍ର ବିଶି, ସବିତା ପ୍ରଧାନ, ଚାରୁଲତା ଷଡ଼ଙ୍ଗୀ, ଚନ୍ଦ୍ରଶେଖର ବାବୁ ପ୍ରମୁଖ ଯୋଗ ଦେଇଥିଲେ । ମହିଳା ଉପସମିତିର ଅଧ୍ୟକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମଗୁଡ଼ିକୁ ସଂଘମିତ୍ରା କାନୁନଗୋ, ପ୍ରୀତି ପଟ୍ଟନାୟକଙ୍କ ସହିତ ଅନ୍ୟମାନେ ପରିଚାଳନା କରିଥିଲେ। ସ୍ନେହଲତା ଷଡ଼ଙ୍ଗୀ ସଭା ପରିଚାଳନା ଓ ସ୍ୱର୍ଣ୍ଣକାନ୍ତି ବୈକାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଝୋଟି, କଳାହାଣ୍ଡିଆ ପାରମ୍ପରିକ ବେଶ ପୋଷାକ, ଏକକ ଅଭିନୟ, ଦଳଗତ ନୃତ୍ୟ, ଶଙ୍ଖଫୁଙ୍କା, ହୁଳହୁଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଝୋଟିରେ ରୀନା ଭାଟି, ପ୍ରକୃତ ସୁନା, ରଶ୍ମିତା ନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଇପ୍ସିତା ପଣ୍ଡା, ଜୟନ୍ତୀ ସିଂହ, ଗୀତାଞ୍ଜଳି ପଟ୍ଟନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ। କଳାହାଣ୍ଡିଆ ପାରମ୍ପରିକ ପିଠାପଣା ପ୍ରସ୍ତୁତିରେ ଭାରତୀ ସାହୁ, ସ୍ୱର୍ଣ୍ଣଲତା ଶବର, ପ୍ରିୟଦର୍ଶିନୀ ବିଶୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ନିବେଦିତା ମହାନ୍ତି, ଛନ୍ଦିତା ଦାସ, କେ. ଇନ୍ଦିରା ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏକକ ଅଭିନୟରେ ଭାରତୀ ସାହୁ, ପ୍ରିୟଦର୍ଶିନୀ ବିଶୋଇ ଓ ଶୃତି ଦାସ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସ୍ୱର୍ଣ୍ଣକାନ୍ତି ବୈକାର, ପୁଷ୍ପାଞ୍ଜଳି ଦୀପ ଓ ଉମାଶଙ୍କରି ପାଲ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶଙ୍ଖଫୁଙ୍କାରେ ଗୀତାଞ୍ଜଳି ମୁଣ୍ଡ, ସୁଜାତା ମିଶ୍ର, ସ୍ମିତାଞ୍ଜଳି ପାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ହୁଳହୁଳି ପ୍ରତିଯୋଗିତାରେ ସୁବାସିନୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଭୟ ପ୍ରତିଯୋଗିତାର ବିଚାରକ ଭାବେ ନୂପୁର ପଟ୍ଟନାୟକ, କେ. ଇନ୍ଦିରା, ନିବେଦିତା ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ସେହିପରି ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସକ୍ଷମ ନୃତ୍ୟ ଏକାଡେମୀ ପ୍ରଥମ, ଜେ.କେ. ସୁପର ମମ୍ସ ଦ୍ୱିତୀୟ ସ୍ଥାନ ଓ ସସ୍ମିତା ମେହେର ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଚାରକ ଭାବେ ସବିତା ମହାନ୍ତି, ସଙ୍ଗୀତା ରାଉତ, ଶୃତି ମହାନ୍ତି, ଐଶ୍ୱର୍ଯ୍ୟା ମହାନ୍ତି ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟା ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ୧୭ ଜାନୁଆରୀ ୨୦୨୬

ଦେଶରେ ପୁଣି ଥରେ ଏକ ବିପଦଜନକ ଭାଇରସ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ସନ୍ଦେହଜନକ ନିପା ଭାଇରସ ମାମଲା ରିପୋର୍ଟ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗକୁ ସତର୍କ କରାଯାଇଛି। ପଶ୍ଚିମବଙ୍ଗର ଦୁଇଜଣ ନର୍ସ ଏହି ଭାଇରସର ଲକ୍ଷଣ ପ୍ରକାଶ କରିବା ପରେ ପଡ଼ୋଶୀ ରାଜ୍ୟଗୁଡ଼ିକରେ ସତର୍କତା ବୃଦ୍ଧି କରାଯାଇଛି। ନିପା ଭାଇରସ ଏକ ସାଧାରଣ ରୋଗ ନୁହେଁ। ଏହା ଦ୍ରୁତ ଗତିରେ ବ୍ୟାପିପାରେ ଏବଂ ଅନେକ କ୍ଷେତ୍ରରେ ଘାତକ ମଧ୍ୟ ହୋଇପାରେ। ଏହି କାରଣରୁ, ଯେତେବେଳେ ବି ନିପା ମାମଲା ରିପୋର୍ଟ ହୁଏ, ଭୟର ବାତାବରଣ ସୃଷ୍ଟି ହୁଏ। ଏହି ଭାଇରସର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହାର କୌଣସି ନିର୍ଦ୍ଧାରକ ଔଷଧ କିମ୍ବା ଟିକା ଏପର୍ଯ୍ୟନ୍ତ ନାହିଁ। ତେଣୁ, ପ୍ରତିରୋଧକୁ ସର୍ବୋତ୍ତମ ସମାଧାନ ଭାବରେ ବିବେଚନା କରାଯାଏ। ତେଣୁ, ଆସନ୍ତୁ ବୁଝିବା ନିପାହ ଭାଇରସ କେତେ ବିପଦପୂର୍ଣ୍ଣ ଏବଂ କେତେବେଳେ ଜୀବନ ବଞ୍ଚାଇବା କଷ୍ଟକର ହୋଇଯାଏ।




*ନିପା ଭାଇରସ୍ କ'ଣ ?*

ନିପା ଭାଇରସ୍ ଏକ ଜୁନୋଟିକ୍ ଭାଇରସ୍, ଅର୍ଥାତ୍ ଏହା ପଶୁଙ୍କଠାରୁ ମଣିଷକୁ ବ୍ୟାପିଥାଏ। ଏହି ଭାଇରସ୍‌ର ପ୍ରାଥମିକ ଉତ୍ସ ହେଉଛି ଫଳ ବାଦୁଡ଼ି, ଯାହାକୁ ଉଡ଼ନ୍ତା ଶୃଗାଳ ମଧ୍ୟ କୁହାଯାଏ। ଏହି ଭାଇରସ୍ ପ୍ରଥମେ ୧୯୯୯ ମସିହାରେ ମାଲେସିଆରେ ଆବିଷ୍କୃତ ହୋଇଥିଲା। ସେତେବେଳେ, ଏହା ବାଦୁଡ଼ିରୁ ଘୁଷୁରୀକୁ ବ୍ୟାପିଥିଲା ? ଏବଂ ତା'ପରେ ଘୁଷୁରୀ ସଂସ୍ପର୍ଶରେ ଆସିଥିବା ମଣିଷମାନଙ୍କୁ ସଂକ୍ରମିତ କରିଥିଲା। ସେହି ପ୍ରକୋପରେ ଶହ ଶହ ଲୋକ ଅସୁସ୍ଥ ହୋଇଥିଲେ ଏବଂ ଅନେକ ଲୋକ ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ ସମୟରେ ଭାରତ ଏବଂ ବାଂଲାଦେଶରେ ଏହି ମାମଲା ରିପୋର୍ଟ ହୋଇଛି।

*ନିପା ଭାଇରସ କେତେ ବିପଦପୂର୍ଣ୍ଣ ?*

ନିପା ଭାଇରସକୁ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ କାରଣ ଏହାର ମୃତ୍ୟୁହାର ଅଧିକ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଏହି ଭାଇରସ ୪୦ ରୁ ୭୦ ପ୍ରତିଶତ ରୋଗୀଙ୍କୁ ମାରିପାରେ। ଏହି ଭାଇରସ ସିଧାସଳଖ ମସ୍ତିଷ୍କକୁ ପ୍ରଭାବିତ କରେ ଏବଂ ମସ୍ତିଷ୍କ ପ୍ରଦାହ (ଏନସ୍ଫେଲାଇଟିସ୍) ସୃଷ୍ଟି କରିପାରେ। ଏହି କାରଣରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିପା ଭାଇରସକୁ ସବୁଠାରୁ ବିପଦପୂର୍ଣ୍ଣ ରୋଗ ତାଲିକାରେ ଅନ୍ତର୍ଭୁକ୍ତ କରିଛି।

*ନିପା ଭାଇରସର ଲକ୍ଷଣଗୁଡ଼ିକ କ'ଣ ?*

ନିପା ଭାଇରସର ଲକ୍ଷଣ ସାଧାରଣତଃ ସଂକ୍ରମଣର ୪ ରୁ ୧୪ ଦିନ ପରେ ଦେଖାଯାଏ। କିଛି କ୍ଷେତ୍ରରେ ଲକ୍ଷଣ ଦେଖାଯିବାକୁ ୪୫ ଦିନ ପର୍ଯ୍ୟନ୍ତ ସମୟ ଲାଗିପାରେ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ଉଚ୍ଚ ଜ୍ୱର, ମୁଣ୍ଡବିନ୍ଧା, ଶରୀର ଯନ୍ତ୍ରଣା, ଗଳା ଯନ୍ତ୍ରଣା, କାଶ, ବାନ୍ତି ଏବଂ ଦୁର୍ବଳତା ଅନ୍ତର୍ଭୁକ୍ତ। ଗୁରୁତର ଲକ୍ଷଣଗୁଡ଼ିକ ମଧ୍ୟରେ ମୁଣ୍ଡ ବୁଲାଇବା, ଦ୍ୱନ୍ଦ୍ୱ, ଅତ୍ୟଧିକ ନିଦ୍ରାଳୁତା, ନିଶ୍ୱାସ ନେବାରେ କଷ୍ଟ ଏବଂ ଚେତାଶୂନ୍ୟତା ଅନ୍ତର୍ଭୁକ୍ତ। ଗୁରୁତର କ୍ଷେତ୍ରରେ, ରୋଗୀର ମସ୍ତିଷ୍କ ଫୁଲିପାରେ ଏବଂ ସେ ୨୪ ରୁ ୪୮ ଘଣ୍ଟା ମଧ୍ୟରେ କୋମାକୁ ଯାଇପାରନ୍ତି।

*ଜୀବନ ବଞ୍ଚାଇବା କେତେବେଳେ କଷ୍ଟକର ହୋଇଯାଏ ?*

ରୋଗୀ ଯଦି ସମୟ ସମୟରେ ଚିକିତ୍ସା ନ ପାଏ, ସଂକ୍ରମଣ ମସ୍ତିଷ୍କରେ ପହଞ୍ଚିଯାଏ, ନିଶ୍ୱାସ ନେବା କଷ୍ଟକର ହୋଇଯାଏ, ରୋଗୀର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ, କିମ୍ବା ସଂକ୍ରମଣ ହସ୍ପିଟାଲ ଭିତରେ ବ୍ୟାପିଯାଏ, ତେବେ ନିପା ଭାଇରସରୁ ବଞ୍ଚିବା କଷ୍ଟକର ହୋଇଯାଏ।

*ନିପା ଭାଇରସକୁ କିପରି ରୋକାଯିବ ?*

ନିପା ଭାଇରସର କୌଣସି ଟିକା କିମ୍ବା ନିଶ୍ଚିତ ଔଷଧ ନାହିଁ, ତେଣୁ ସତର୍କତା ହେଉଛି ସର୍ବୋତ୍ତମ ଚିକିତ୍ସା। ଏହାକୁ ରୋକିବା ପାଇଁ, ସାବୁନ ଏବଂ ପାଣିରେ ବାରମ୍ବାର ହାତ ଧୋଇବା, ବାଦୁଡ଼ି ଏବଂ ଘୁଷୁରୀଙ୍କଠାରୁ ଦୂରତା ବଜାୟ ରଖିବା, ପଡ଼ିଥିବା କିମ୍ବା ଅଧା କଟା ଫଳ ଖାଇବାରୁ ଦୂରେଇ ରହିବା, କଞ୍ଚା ଖଜୁରୀ ରସ ପିଇବାରୁ ଦୂରେଇ ରହିବା, ସଂକ୍ରମିତ କିମ୍ବା ସନ୍ଦେହଜନକ ରୋଗୀଙ୍କ ସଂସ୍ପର୍ଶରୁ ଦୂରେଇ ରହିବା ଏବଂ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ପାଳନ କରିବା ଉଚିତ।

# ପିଠି ଦରଜରୁ ମୁକ୍ତି କରେ ଶଶାଙ୍କାସନ



ଶଶାଙ୍କାସନ ଆସନଦ୍ୱାରା ପିଠି ମାଂସପେଶୀ ପ୍ରସାରିତ ହୁଏ। ପ୍ରତ୍ୟେକ କଶେରୁକ ଅନ୍ୟ କଶେରୁକଠାରୁ ଛାଡ଼ି ରହିବାରୁ ଚକ୍ରିକା ଉପରେ ଚାପ ପଡ଼େ ନାହିଁ। ପ୍ରାୟତଃ ମେରୁଦଣ୍ଡରୁ ବାହାରିଥିବା ସ୍ନାୟୁ ଚକ୍ରିକା ଦ୍ୱାରା ଚାପି ହୋଇ ବିଭିନ୍ନ ପ୍ରକାର ପିଠି ଦରଜ ସୃଷ୍ଟି ହୋଇଥାଏ। ଆସନଦ୍ୱାରା ଏହି ରୋଗରୁ ଉପକାର ମିଳେ, ଚକ୍ରିକାଗୁଡ଼ିକ ନିଜ ଜାଗାରେ ଠିକ୍? ରହେ। ଆଡ୍ରିନାଲ୍? ଗ୍ରନ୍ଥିର କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଶ୍ରୋଣୀ ମାଂସପେଶୀ, ସାଇଟିକା ସ୍ନାୟୁ ମଧ୍ୟ କାର୍ଯ୍ୟକ୍ଷମ ହୁଏ। ସ୍ତ୍ରୀ ଲୋକଙ୍କ ଶ୍ରୋଣୀର ଆକାରରେ ଉନ୍ନତି ହୁଏ। ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ପ୍ରଜନନ ଅଙ୍ଗଗୁଡ଼ିକ ସୁଧୁରିଯାଏ। ଆସନର ପ୍ରତ୍ୟେହ ଅଭ୍ୟାସ ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୁଏ। ଆସନର ଶେଷସ୍ଥିତିରେ ଉଜ୍ଜୟୀ ପ୍ରାଣାୟମ ସହ ଅଭ୍ୟାସ କଲେ କ୍ରୋଧ ପ୍ରସମିତ ହୁଏ ଏବଂ ମସ୍ତିଷ୍କ ଥଣ୍ଡା ରହେ ବୋଲି କହିଛନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର।

## ଏହି ଆସନ କରିବା ପାଇଁ:

- ହାତ ଜଙ୍ଘ ଉପରେ ରଖି ବଜ୍ରାସନରେ ବସନ୍ତୁ
- ଆଖି ବନ୍ଦ କରନ୍ତୁ, ଦେହ ଢ଼ିଲା ରଖନ୍ତୁ। ମେରୁଦଣ୍ଡ ଓ ମୁଣ୍ଡ ସିଧା ରହିବ
- ନିଶ୍ୱାସ ନେଇ ହାତ ମୁଣ୍ଡ ଉପରକୁ ଉଠାନ୍ତୁ, ହାତ ସିଧା ରହିବ କାନ୍ଧ ଛଡ଼ାରେ
- ନିଶ୍ୱାସ ଛାଡ଼ିଲାବେଳେ ସାମନାକୁ ଅଣ୍ଟା ଭାଙ୍ଗନ୍ତୁ। ମୁଣ୍ଡ ଓ ହାତ ଆଗକୁ ଅଣ୍ଟା ସିଧାରେ ରହିବ
- ଆସନର ଶେଷ ସ୍ଥିତିରେ ହାତ ଓ କପାଳ ଆଣ୍ଠୁ ସାମନାରେ ଭୂଇଁ ଉପରେ ରହିବ
- ସମ୍ଭବ ହେଲେ କପାଳ ଓ ହାତ ଭୂଇଁକୁ ଏକା ସଙ୍ଗେ ଛୁଇଁବ
- ହାତ ସାମାନ୍ୟ ଭାଙ୍ଗ ଯେମିତି ପୂରା ଢିଲା ରହେ, କହୁଣୀ ଭୂଇଁରେ ଲାଗିବ
- ଆସନର ଏହି ଶେଷ ସ୍ଥିତିରେ ନିଶ୍ୱାସକୁ ଛାଡ଼ି ୫ ସେକେଣ୍ଡ ରହିବ
- ତା'ପରେ ଏକାସଙ୍ଗେ ନିଶ୍ୱାସ ନେବେ ଏବଂ ହାତ ଓ ଦେହ ଉପରକୁ ଟେକିବ
- ହାତ, ମୁଣ୍ଡ ଓ ଦେହ ସିଧା ରହିବ
- ନିଶ୍ୱାସ ଛାଡ଼ନ୍ତୁ, ହାତ ତଳକୁ ଆଣି ଆଣ୍ଠୁ ଉପରେ ରଖନ୍ତୁ
- ଏହାକୁ ୩ରୁ ୫ ଥର ଅଭ୍ୟାସ କରନ୍ତୁ

# କଦଳୀପତ୍ରରେ ଖାଦ୍ୟ ଖାଇବା କେତେ ଲାଭଦାୟକ ଜାଣନ୍ତୁ



ପୂର୍ବରୁ ଖାଦ୍ୟ ପତ୍ରରେ ପରସା ଯାଉଥିଲା। କଦଳୀ ପତ୍ର, ଶାଳ ପତ୍ରରେ ଖାଦ୍ୟ ଖାଇବା ସଂସ୍କୃତି ଏବେ କାଚ ଓ ଫାଇବର ପ୍ଲେଟ୍‌କୁ ପରିବର୍ତ୍ତନ ହୋଇଛି। କିନ୍ତୁ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଅନେକ ଲାଭ ମିଳୁଥିଲା। ପୂଜା ପର୍ବାଣୀ ହେଉ ଅବା ଭୋଜି କଦଳୀ ପତ୍ରରେ ଖାଦ୍ୟ ଖାଇବା ପରମ୍ପରା ଆଜି ମଧ୍ୟ ଅଛି। ତେବେ ଜାଣିବା ଏଥିରେ ଖାଦ୍ୟ ଖାଇଲେ କ'ଣ ଲାଭ ହୋଇଥାଏ।

କଦଳୀ ପତ୍ରରେ ମିଳୁଥିବା ପଲିଫେନୋଲଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଗ୍ରୀନ୍ ଟି' ଏବଂ କିଛି ଫଳରୁ ମଧ୍ୟ ମିଳିଥାଏ। ଯେତେବେଳେ ପତ୍ରରେ ଗରମ ଖାଦ୍ୟ ପରିବେଷଣ କରାଯାଏ ଏହି ଯୌଗିକଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇଯାଏ। ଏହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ କର୍କଟ, ହୃଦରୋଗ ଓ ମଧୁମେହର ଆଶଙ୍କା ହ୍ରାସ କରିପାରେ। କଦଳୀ ପତ୍ରରେ ମଧ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ପତ୍ର ପୃଷ୍ଠରେ ଥିବା କିଛି ଯୌଗିକ ଜୀବାଣୁକୁ ବୃଦ୍ଧି ପାଇବାରୁ ରୋକିଥାଏ। ଏହା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କାକୁ ହ୍ରାସ କରେ ଏବଂ ଖାଦ୍ୟକୁ ସୁରକ୍ଷିତ କରିଥାଏ। କଦଳୀ ପତ୍ରର ବାହାର ସ୍ତର ଉପରେ ଥିବା ପ୍ରାକୃତିକ ମହମ ପରି ଉପାଦାନଗୁଡ଼ିକ ହଜମ କରିବାରେ ସାହାଯ୍ୟ କରେ। ଯେତେବେଳେ ଗରମ ଖାଦ୍ୟ ଏଥିରେ ରଖାଯାଏ ଏହି ସ୍ତର ଟିକେ ତରଳିଯାଏ। ଯାହା ପାଚନ ଉପାଦାନଗୁଡ଼ିକୁ ଖାଦ୍ୟରେ ମୁକ୍ତ କରେ। ଏହା ହଜମକୁ ଉନ୍ନତ କରେ ଏବଂ ପେଟ ସଫା ରଖିବାରେ ସାହାଯ୍ୟ କରେ। ପ୍ଲାଷ୍ଟିକ୍ କିମ୍ବା ସିନ୍‌ଥେଟିକ୍ ପ୍ଲେଟ୍ ପରି କଦଳୀ ପତ୍ର ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏଥିରେ ପ୍ଲାଷ୍ଟିକ୍‌ରେ ମିଳୁଥିବା ବିପିଏ କିମ୍ବା ପାଥାଲେଟସ୍ ଭଳି କ୍ଷତିକାରକ ପଦାର୍ଥ ନାହିଁ। ଏହା ଆପଣଙ୍କ ଖାଦ୍ୟରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବାର ଆଶଙ୍କାକୁ ଦୂର କରେ। କଦଳୀ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରରେ କ୍ଷତିକାରକ ଜୀବାଣୁର ପ୍ରବେଶକୁ ହ୍ରାସ କରିପାରେ। ଏହା ସଂକ୍ରମଣର ଆଶଙ୍କା ହ୍ରାସ କରେ ଏବଂ ଶରୀରର ପ୍ରତିରକ୍ଷାକୁ ଉନ୍ନତ କରେ। ଏହା ସହିତ କଦଳୀ ପତ୍ର ଖାଇବା ପରିବେଶ ପାଇଁ ମଧ୍ୟ ଲାଭଦାୟକ। ଏଗୁଡ଼ିକ ସମ୍ପୂର୍ଣ୍ଣ ଜୈବ ବିକ୍ରୟଯୋଗ୍ୟ ଏବଂ ଅପଚୟରେ ଯୋଗ କରନ୍ତି ନାହିଁ। ଏହା ବ୍ୟତିତ ଗରମ ଖାଦ୍ୟ ଦ୍ୱାରା ନିର୍ଗତ ପ୍ରାକୃତିକ ସୁଗନ୍ଧ ଦ୍ୟରଖା ସ୍ୱାଦ ଏବଂ ସୁଗନ୍ଧକୁ ବୃଦ୍ଧି କରିଥାଏ ଯାହା ଖାଇବା ଅଭିଜ୍ଞତା ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ।

# ରହିବନି ଆଉ ଷ୍ଟ୍ରେଚ୍‌ମାର୍କ: ଆପଣାନ୍ତୁ ଘରୋଇ ଉପଚାର...

ଷ୍ଟ୍ରେଚ୍‌ମାର୍କ ସାଧାରଣଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧ୍ୟମରେ ମଧ୍ୟ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା...



ଚନ୍ଦନ ପ୍ୟାକ୍ :

ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ୍ୟ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଢ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟୋ ରସ ଓ ମହୁ ମଧ୍ୟ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ।

ଆଲୋଭେରା:

ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।

# ତ୍ୱଚା ଶୁଷ୍କ ଲାଗୁଥିଲେ



ଶୀତ ଦିନରେ ଚର୍ମ ଶୁଷ୍କ ହେବା ଏକ ସାଧାରଣ କଥା। ସତର୍କତା ଦ୍ୱାରା ଏହି ସମସ୍ୟା ଦୂର କରି ହେବ।

ତ୍ୱଚାକୁ ଦୈନନ୍ଦିନ ତେଲ କିମ୍ବା ମସ୍‌ଚରାଇଜରରେ ମାଲିସ୍ କରନ୍ତୁ। ପେଟ୍ରୋଲିଅମ୍ କିମ୍ବା କ୍ରିମ୍-ଆଧାରିତ ମସ୍‌ଚରାଇଜର ବଜାରରେ ମିଳୁଥିବା ଲୋସନ୍ ଅପେକ୍ଷା ଭଲ। ଗାଧୋଇ ସାରିବା ପରେ ହିଁ ତୈଳ କିମ୍ବା ମସ୍‌ଚରାଇଜର ଲଗାଇବା ଦ୍ୱାରା ଚର୍ମ ନରମ ହୋଇଥାଏ।

ଶୀତ ଦିନେ ତ୍ୱଚାକୁ କେବଳ ପାଣିରେ ଧୋଇପାରିବେ। ବାରମ୍ବାର ସାବୁନ୍, ବଡିୱାସ୍, ଫେସ୍‌ୱାସ୍ ଆଦି ପ୍ରୟୋଗ କରିବା ଦ୍ୱାରା ତ୍ୱଚା ଅଧିକ ଶୁଷ୍କ ହୋଇଥାଏ।

ଶୀତ ଦିନେ ଅଧିକାଂଶ ଲୋକ ଗରମ ପାଣିରେ ଗାଧୋଇଥାନ୍ତି। ମାତ୍ର କୁଣ୍ଡିଆ ସମସ୍ୟା ଥିଲେ ଗରମ ପାଣିରେ ଗାଧୋଇବା ଅନୁଚିତ।

ପିଲାଦିନରୁ ଆମକୁ କୁହାଯାଇଛି ଯେ ପ୍ରଚୁର ପାଣି ପିଇବା ଦ୍ୱାରା ଅନେକ ରୋଗକୁ ନିୟନ୍ତ୍ରଣ କରାଯାଇପାରେ। ବିଶେଷ କରି ଶୀତ ଦିନେ ଏହି କଥାଟିର ଗୁରୁତ୍ୱ ଅଧିକ। ଶୀତ ଦିନେ ପେଟ ଗରମ ହୋଇ ବିଭିନ୍ନ ରୋଗ ହେଉଥିବାରୁ, ଏହି ଦିନେ ପାଣି ଅଧିକ ପିଇବା ଦ୍ୱାରା ନିଜକୁ ସୁସ୍ଥ ରଖିପାରିବା।

ପ୍ରବଳ ଥଣ୍ଡା କାରଣରୁ ଅଧିକାଂଶ ଲୋକଙ୍କ ଓଠ ଫାଟି ରକ୍ତ ବାହାରିବା ପରି ପରିସ୍ଥିତି ଉପୁଜେ। ତାହାକୁ ରୋକିବା ପାଇଁ ଓଠରେ ଗୁଆ ଘିଅ, ନଡ଼ିଆ ତେଲ କିମ୍ବା ପେଟ୍ରୋଲିଅମ୍ ଜେଲି ପ୍ରୟୋଗ କରନ୍ତୁ।

# ଚାବାହାର ବନ୍ଦର: ଆମେରିକୀୟ କଟକଣା ଓ ଭାରତର ରଣନୈତିକ ସନ୍ତୁଳନ

ସାମ୍ପ୍ରତିକ ବିଶ୍ୱ ରାଜନୀତି ଏବଂ ଅର୍ଥନୀତିର ପରିବର୍ତ୍ତିତ ପରିସ୍ଥିତିରେ ଭାରତର ବୈଦେଶିକ ନୀତି ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ପହଞ୍ଚିଛି । ଇରାନର ଚାବାହାର ବନ୍ଦର, ଯାହାକୁ ଦିନେ ଭାରତର 'ରଣନୈତିକ ସ୍ୱାୟତ୍ତତା' ଏବଂ ମଧ୍ୟ ଏସିଆରେ ପ୍ରବେଶର ସୁବର୍ଣ୍ଣ ଦ୍ୱାର ବୋଲି ବିବେଚନା କରାଯାଉଥିଲା, ଆଜି ତାହା ଅନିଶ୍ଚିତତାର ଘେରରେ ରହିଛି । ନିକଟରେ ଆସିଥିବା ବିଭିନ୍ନ ରିପୋର୍ଟ ଅନୁଯାୟୀ, ଆମେରିକାର କଠୋର କଟକଣା ଏବଂ ନୂତନ ଭୂ-ରାଜନୈତିକ ଚାପ ଯୋଗୁଁ ଭାରତ ଚାବାହାର ପ୍ରକଳ୍ପରୁ ଏକ ପ୍ରକାର 'ରଣନୈତିକ ପ୍ରତ୍ୟାହାର' (Strategic Withdrawal) କରିବାକୁ ବାଧ୍ୟ ହେଉଛି ବୋଲି ଆଲୋଚନା ହେଉଛି । ଏହି ଘଟଣା କେବଳ ଏକ ବାଣିଜ୍ୟିକ ଚୁକ୍ତିର ପରିବର୍ତ୍ତନ ନୁହେଁ, ବରଂ ଦକ୍ଷିଣ ଏସିଆର ଶକ୍ତି ସନ୍ତୁଳନ ଏବଂ ଭାରତର କୂଟନୈତିକ ଦକ୍ଷତା ପାଇଁ ଏକ ବଡ଼ ପରୀକ୍ଷା । ଗୋଟିଏ ପଟେ ସରକାର କଟକଣାର ପ୍ରଭାବ ହ୍ରାସ କରିବାକୁ ବିକଳ୍ପ ଖୋଜୁଥିବା ବେଳେ ଅନ୍ୟ ପଟେ ବାସ୍ତବ ପରିସ୍ଥିତି ଭାରତକୁ ଏହି ପ୍ରକଳ୍ପରୁ ନିଜର ପ୍ରତ୍ୟକ୍ଷ ଅଂଶଗ୍ରହଣ କମାଇବାକୁ ବାଧ୍ୟ କରୁଛି ।

ଚାବାହାର ବନ୍ଦରର ଗୁରୁତ୍ୱ ଭାରତ ପାଇଁ ଅତ୍ୟନ୍ତ ଅଧିକ ଥିଲା କାରଣ ପାକିସ୍ତାନର ବାଧା ଯୋଗୁଁ ଭାରତ ସ୍ଥଳପଥରେ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆ ସହିତ ବାଣିଜ୍ୟ କରିବାକୁ ଅସମର୍ଥ ଥିଲା । ଇରାନର ସିସ୍ତାନ-ବଲୁଚିସ୍ତାନ ପ୍ରଦେଶରେ ଅବସ୍ଥିତ ଚାବାହାର ବନ୍ଦର ଭାରତ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଥିଲା । ଗୁଜରାଟର କାଣ୍ଡଲା ବନ୍ଦରରୁ ଚାବାହାରର ଦୂରତା ମାତ୍ର ୫୫୦ ନଟିକାଲ ମାଇଲ, ଯାହା ଭୌଗୋଳିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଲାଭଦାୟକ । କିନ୍ତୁ ଏହି ପ୍ରକଳ୍ପର ସଫଳତା ପାଇଁ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଆମେରିକା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ଇରାନ ଉପରେ ଲଗାଯାଇଥିବା କଠୋର ଅର୍ଥନୈତିକ କଟକଣା । ନିକଟ ଅତୀତରେ ଭାରତ ପୋର୍ଟସ୍ ଗ୍ଲୋବାଲ ଲିମିଟେଡ୍ (IPGL) ଏବଂ ଇରାନର ପୋର୍ଟ ଆଣ୍ଡ ମେରିଟାଇମ୍ ଅର୍ଗାନାଇଜେସନ୍ (PMO) ମଧ୍ୟରେ ୧୦ ବର୍ଷ ପାଇଁ ବନ୍ଦର ପରିଚାଳନା ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ନେଇଛି । ଆମେରିକାର ଟ୍ରମ୍ପ ପ୍ରଶାସନ ୨୦୨୫ ସେପ୍ଟେମ୍ବରରେ ଚାବାହାର ପାଇଁ ଥିବା ଦୀର୍ଘମିଆଦି କଟକଣା ରିହାତି (Sanctions Waiver) କୁ ପ୍ରତ୍ୟାହାର କରିନେଇଥିଲା ଏବଂ ଏହା ପରିବର୍ତ୍ତେ ଏକ ସ୍ୱଳ୍ପମିଆଦି ସର୍ତ୍ତମୂଳକ ରିହାତି ପ୍ରଦାନ କରିଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତକୁ ସେଠାରୁ ନିଜର କାର୍ଯ୍ୟକଳାପ ସମାପ୍ତ ପାଇଁ ସମୟ ଦେବା ।

ଏହି ପରିପ୍ରେକ୍ଷୀରେ ଭାରତ ସରକାର ଏକ ଦ୍ୱିମୁଖୀ ରଣନୀତି ଆପଣାଇଛନ୍ତି ଯାହାକୁ ଆମେ 'ଏକ୍ସପୋଜର ହ୍ରାସ' (Reducing Exposure) ଏବଂ 'ରଣନୈତିକ ପ୍ରତ୍ୟାହାର' ବୋଲି କହିପାରିବା । ପ୍ରଥମତଃ ଭାରତ ପୋର୍ଟସ୍ ଗ୍ଲୋବାଲ ଲିମିଟେଡ୍ (IPGL), ଯାହା ଏହି ବନ୍ଦର ପରିଚାଳନା ଦାୟିତ୍ୱରେ ଥିଲା, ନିଜର କାର୍ଯ୍ୟକଳାପକୁ ସଙ୍କୁଚିତ କରୁଛି । କମ୍ପାନୀର ବୋର୍ଡରୁ ସରକାରୀ ନିର୍ଦ୍ଦେଶକମାନଙ୍କୁ ଇସ୍ତଫା ଦେବାକୁ କୁହାଯାଇଛି ଏବଂ ନିଜର ୱେବସାଇଟକୁ ମଧ୍ୟ ବନ୍ଦ କରିଦିଆଯାଇଛି । ଏହି ପଦକ୍ଷେପଗୁଡ଼ିକ ସ୍ପଷ୍ଟ ସୂଚାଉଛି ଯେ ଭାରତ ଆମେରିକୀୟ କଟକଣାର ସିଧାସଳଖ ପ୍ରଭାବରୁ ନିଜର ସରକାରୀ ସଂସ୍ଥା ଏବଂ ଅଧିକାରୀମାନଙ୍କୁ ସୁରକ୍ଷିତ ରଖିବାକୁ ଚାହୁଁଛି । ଦ୍ୱିତୀୟତଃ, ଭାରତ ସରକାର ଚୁକ୍ତି ମୁତାବକ ଦେବାକୁ ଥିବା ପ୍ରାୟ ୧୨୦ ନିୟୁତ ଡଲାର (ପ୍ରାୟ ୧୦୦୦ କୋଟି ଟଙ୍କା) ଇରାନକୁ ହସ୍ତାନ୍ତର କରିସାରିଛନ୍ତି ବୋଲି ଖବର ଆସୁଛି । ଏହି ଅର୍ଥ ହସ୍ତାନ୍ତରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତ ନିଜର ଆର୍ଥିକ ଦାୟିତ୍ୱରୁ ମୁକ୍ତ ହେବା ଏବଂ ଭବିଷ୍ୟତରେ କଟକଣା ଲାଗିଲେ ଯେପରି କୌଣସି ଆଇନଗତ ଜଟିଳତା ସୃଷ୍ଟି ନହୁଏ, ତାହା ନିଶ୍ଚିତ କରିବା । ଏହାର ଅର୍ଥ ହେଲା, ବର୍ତ୍ତମାନ ଇରାନ ସରକାର ଚାହିଁଲେ ଏହି ଅର୍ଥ ବିନିଯୋଗ କରି ନିଜେ ଯନ୍ତ୍ରପାତି କିଣିପାରିବେ ଏବଂ ବନ୍ଦର ପରିଚାଳନା କରିପାରିବେ, କିନ୍ତୁ ଭାରତର ପ୍ରତ୍ୟକ୍ଷ ପରିଚାଳନାଗତ ଅଂଶଗ୍ରହଣ ସୀମିତ କିମ୍ବା ଶୂନ୍ୟ ରହିବ ।

ଏହି ପରିସ୍ଥିତି ଉପୁଜିବାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଆମେରିକାର ରାଜନୈତିକ ପରିବର୍ତ୍ତନ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଆଭିମୁଖ୍ୟ । ଟ୍ରମ୍ପ ପ୍ରଶାସନ ଇରାନ ସହ ବାଣିଜ୍ୟ କରୁଥିବା ଯେକୌଣସି ଦେଶ ଉପରେ ୨୫% ଶୁଳ୍କ (Tariff) ଲଗାଇବାକୁ ଧମକ ଦେଇଛନ୍ତି । ଭାରତ ପାଇଁ ଆମେରିକା ହେଉଛି ସବୁଠାରୁ ବଡ଼ ବାଣିଜ୍ୟିକ ଭାଗୀଦାର, ତେଣୁ ଚାବାହାର ପାଇଁ ଆମେରିକା ସହ ବାଣିଜ୍ୟିକ ସମ୍ପର୍କକୁ ବିପଦରେ ପକାଇବା ଭାରତ ପକ୍ଷେ ସମ୍ଭବ ନୁହେଁ । ଏହାବ୍ୟତୀତ ଭାରତ ସରକାର ଏହି ପ୍ରକଳ୍ପର ଆଇନଗତ ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି । ପୂର୍ବରୁ ଯେକୌଣସି ବିବାଦ ହେଲେ ଆର୍ବିଟ୍ରେସନ ବା ମଧ୍ୟସ୍ଥତା ପାଇଁ ଲଣ୍ଡନ କିମ୍ବା ପ୍ୟାରିସ ଭଳି ପାଶ୍ଚାତ୍ୟ ସହରକୁ ଚୟନ କରାଯାଉଥିଲା । କିନ୍ତୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଆମେରିକାର ପ୍ରଭାବରେ ଆସି ଇରାନ ବିରୋଧରେ ନିଷ୍ପତ୍ତି ନେବାର ଆଶଙ୍କା ଥିବାରୁ, ବର୍ତ୍ତମାନ ଭାରତ ଏବଂ ଇରାନ ଏକ ନିରପେକ୍ଷ ସ୍ଥାନ ଚୟନ କରିବାକୁ ବିଚାର କରୁଛନ୍ତି । ଏହା ସହିତ ଡଲାର ବଦଳରେ ଅନ୍ୟ ମୁଦ୍ରା କିମ୍ବା 'ରୁପି-ରିଆଲ' ବାଣିଜ୍ୟ ବ୍ୟବସ୍ଥାର ବ୍ୟବହାର କରି କଟକଣାରୁ ବର୍ତ୍ତିବା ପାଇଁ ଯୋଜନା କରାଯାଉଛି ।

ଏହି ଘଟଣାବଳୀର ଭୂ-ରାଜନୈତିକ ପ୍ରଭାବ ସୁଦୂରପ୍ରସାରୀ ହେବ । ପ୍ରଥମତଃ, ଚାବାହାର ବନ୍ଦରର ପରିଚାଳନାରୁ ଭାରତର ଓହରିବା ଚୀନ୍ ପାଇଁ ଏକ ବଡ଼ ସୁଯୋଗ ହୋଇପାରେ । ଚୀନ୍ ପୂର୍ବରୁ ଇରାନ ସହ ୨୫ ବର୍ଷିଆ ରଣନୈତିକ ଚୁକ୍ତି କରିସାରିଛି । ଯଦି ଭାରତ ପଛଘୁଞ୍ଚା ଦିଏ, ତେବେ ଚୀନ୍ ଚାବାହାରରେ ପ୍ରବେଶ କରି ପାକିସ୍ତାନର ଗ୍ୱାଦର ବନ୍ଦର ସହ ଏହାକୁ ସଂଯୋଗ କରିପାରେ, ଯାହା ଭାରତର ସୁରକ୍ଷା ପାଇଁ ଚିନ୍ତାର ବିଷୟ । ଦ୍ୱିତୀୟତଃ, ଅନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡର (INSTC) ର ଭବିଷ୍ୟତ ମଧ୍ୟ ଅନିଶ୍ଚିତ ହୋଇପଡ଼ିବ । ୭,୨୦୦ କିଲୋମିଟର ବିଶିଷ୍ଟ ଏହି କରିଡର ମାଧ୍ୟମରେ ରଷିଆ ଏବଂ ମଧ୍ୟ ଏସିଆ ସହ ସଂଯୋଗ ପାଇଁ ଭାରତ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି । ତୃତୀୟତଃ, ଆଫଗାନିସ୍ତାନକୁ ସହାୟତା ଯୋଗାଇବା ପାଇଁ ଭାରତ ଏହି ବନ୍ଦରକୁ ବ୍ୟବହାର କରୁଥିଲା, କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ସେହି ପ୍ରକ୍ରିୟା ମଧ୍ୟ ଜଟିଳ ହୋଇପାରେ ।

ତଥାପି, ଏହାକୁ ସମ୍ପୂର୍ଣ୍ଣ ବିଫଳତା ବୋଲି କହିବା ଠିକ୍ ହେବ ନାହିଁ । ଭାରତ ସରକାରଙ୍କ ଏହି ପଦକ୍ଷେପକୁ ଏକ 'ବାସ୍ତବବାଦୀ କୂଟନୀତି' (Pragmatic Diplomacy) ଭାବରେ ଦେଖାଯାଇପାରେ । ଆମେରିକାର କଟକଣାକୁ ଅଣଦେଖା କରି ଆଗକୁ ବଢ଼ିବା ଦ୍ୱାରା ଭାରତୀୟ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପଡ଼ିବାର ଆଶଙ୍କା ଥିଲା । ତେଣୁ, ୧୨୦ ନିୟୁତ ଡଲାର ଦେଇ ନିଜର ଦାୟିତ୍ୱ ସାରିଦେବା ଏବଂ ପରିଚାଳନାରୁ ଓହରିଯିବା ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ସୁରକ୍ଷିତ ବିକଳ୍ପ । ଏହା ଦ୍ୱାରା ଭାରତ ଇରାନ ସହ ସମ୍ପର୍କ ବଜାୟ ରଖିପାରିବ ଏବଂ ଆମେରିକାର କୋପରୁ ମଧ୍ୟ ବର୍ତ୍ତିପାରିବ । ଏହା ଏକ ପ୍ରକାର 'ପରୋକ୍ଷ ସମର୍ଥନ' ରଣନୀତି, ଯେଉଁଠାରେ ଭାରତ ପ୍ରକଳ୍ପରୁ ସମ୍ପୂର୍ଣ୍ଣ ଓହରି ନଯାଇ ମଧ୍ୟ ନିଜକୁ କଟକଣା ପରିସର ବାହାରେ ରଖିବାକୁ ଚେଷ୍ଟା କରୁଛି । ଭବିଷ୍ୟତରେ ଯଦି ଭୂ-ରାଜନୈତିକ ପରିସ୍ଥିତି ବଦଳେ କିମ୍ବା କଟକଣା କୋହଳ ହୁଏ, ତେବେ ଭାରତ ପୁନର୍ବାର ସକ୍ରିୟ ହେବାର ସୁଯୋଗ ପାଇପାରେ ।

ଚାବାହାର ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ ଏବଂ ସନ୍ତୁଳିତ ହେବା ଆବଶ୍ୟକ । ଗୋଟିଏ ପଟେ ଆମେରିକା ସହ ବାଣିଜ୍ୟିକ ସମ୍ପର୍କକୁ ଅତୁଟ ରଖିବା ଏବଂ ଅନ୍ୟ ପଟେ ଇରାନ ସହ ଐତିହାସିକ ସମ୍ପର୍କ ତଥା ମଧ୍ୟ ଏସିଆରେ ନିଜର ପହଞ୍ଚ ବଢ଼ାଇବା—ଏହି ଦୁଇଟି ବିପରୀତ ମେରୁ ମଧ୍ୟରେ ଭାରତ ସେତୁ ବାନ୍ଧୁଛି । ସରକାର ବିକଳ୍ପଗୁଡ଼ିକର ଅନୁସନ୍ଧାନ କରୁଛନ୍ତି ଏବଂ କଟକଣାର ପ୍ରଭାବ ହ୍ରାସ କରିବାକୁ ବିଭିନ୍ନ କୌଶଳ ଅବଲମ୍ବନ କରୁଛନ୍ତି । ଯଦିଓ ପ୍ରତ୍ୟକ୍ଷ ଭାବରେ ଭାରତ ବନ୍ଦର ପରିଚାଳନାରୁ ଦୂରେଇ ଯାଉଛି, କିନ୍ତୁ ପରୋକ୍ଷରେ ଏହି ପ୍ରକଳ୍ପକୁ ଜୀବିତ ରଖିବା ପାଇଁ ଆର୍ଥିକ ସହାୟତା ଦେଇ ଏକ କୂଟନୈତିକ ସନ୍ତୁଳନ ରକ୍ଷା କରିଛି । ଭାରତ ପାଇଁ ଏହି ଚାଲେଞ୍ଜକୁ ସାମନା କରିବା କଷ୍ଟସାଧ୍ୟ, କିନ୍ତୁ 'ସାବଧାନର ସହ ପଛକୁ ହଟିବା' ହିଁ ବର୍ତ୍ତମାନ ପାଇଁ ସର୍ବୋତ୍ତମ ରଣନୀତି ବୋଲି ମନେହୁଏ ।

# ଶିଳ୍ପାୟନ ଦ୍ରୁତ ଅଭିବୃଦ୍ଧି ପଥେ ଓଡ଼ିଶା



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ଓଡ଼ିଶାରେ ନୂଆ ଡବଲ ଇଞ୍ଜିନ ସରକାର ରାଜ୍ୟ ପାଇଁ ନାନା ବିକାଶର ଢ଼େର ସମ୍ଭାବନା ସୃଷ୍ଟି କରିଛି । ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଆହୁରି ଆଗେଇବାକୁ ଏକ ରକମର ମଞ୍ଚ ପ୍ରସ୍ତୁତ ହୋଇ ସାରିଛି । ବାହାରର ନାମିଦାମୀ ଓ ବିଶ୍ୱ ପ୍ରସିଦ୍ଧ ଶିଳ୍ପ ଟାଇକୁଣମାନେ ରାଜ୍ୟରେ ବଡ଼ ବଡ଼ ଉଦ୍ୟୋଗ ତିଆରି ପାଇଁ ଆଗ୍ରହୀ । ରାଜ୍ୟର ଆଗାମୀ ପୂର୍ଣ୍ଣାଙ୍ଗ ବଜେଟରେ ଦଳ ନିର୍ବାଚନୀ ଇସ୍ତାହାରର ଘୋଷଣାନାମାକୁ ବାସ୍ତବ ରୂପାୟନ କରିବାର ସମ୍ଭାବନା ରହିବା ସ୍ୱାଭାବିକ । ଚାଷବାସ କ୍ଷେତ୍ର ଠାରୁ ମହିଳା ସଶକ୍ତିକରଣ, ସଡ଼କ ଭିତ୍ତିଭୂମି ଠାରୁ ଉପକୂଳ ଅର୍ଥନୀତି, ଗମନାଗମନ କ୍ଷେତ୍ରର ଦୃଢ଼ ଉନ୍ନତ ପ୍ରସସ୍ତିକରଣ ସହ ଓଡ଼ିଶାରେ ବିଶେଷକରି ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏହିପରି ଅନେକ ବଡ଼ ଆହ୍ୱାନକୁ ସାମ୍ନା କରିବାକୁ ପାଇଁ ଯାଉଛନ୍ତି ଓଡ଼ିଶା ସରକାର ।

ସମୃଦ୍ଧ ଓଡ଼ିଶା, ଦ୍ରୁତ ଅଭିବୃଦ୍ଧିସମ୍ପନ୍ନ ପ୍ରଗତିର ଓଡ଼ିଶାରେ ବିଶେଷକରି ରାଜ୍ୟରେ ଖଣିଜ ସମ୍ପଦର ଭରପୁର ଉପଯୋଗକରି ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଯେଉଁ ସ୍ୱତନ୍ତ୍ରତା ରହିଛି ତାହା ହିଁ ଓଡ଼ିଶା ପ୍ରତି ଶିଳ୍ପପତିଙ୍କ ଆକର୍ଷଣର କାରଣ । ଏମିତିରେ ଇସ୍ପାତ କାରଖାନା କ୍ଷେତ୍ରରେ ରାଜ୍ୟରେ ସୁପ୍ରସିଦ୍ଧ ଖ୍ୟାତନାମା ଟାଟା ଷ୍ଟିଲ ଠାରୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ସେଲ ଠାରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ନିଜର ଭିତ୍ତିଭୂମି ଦୃଢ଼ କରିପାରିଛନ୍ତି । ଏମାନଙ୍କ ବ୍ୟତୀତ ଢ଼େର ଛୋଟବଡ଼ ଓ ବିଶେଷକରି ମଧ୍ୟମ ଧରଣର ଇସ୍ପାତ କାରଖାନା ମଧ୍ୟ ଓଡ଼ିଶାରେ ରହିଛି । ଏହାପରେ ନଜରକୁ ଲକ୍ଷ୍ମୀ ଏନ ମିତ୍ତଲଙ୍କ କମ୍ପାନୀ ଆର୍ସେଲର ମିତ୍ତଲ, ନିପନ ଷ୍ଟିଲ ଓ ସର୍ଜନ ଜିନ୍ଦଲଙ୍କ କମ୍ପାନୀ ଜେ.ଏସ.ଡବ୍ଲ୍ୟୁ ଷ୍ଟିଲ ରାଜ୍ୟରେ ଦୁଇଟି ବଡ଼ ବଡ଼ ଇସ୍ପାତ କାରଖାନା ସ୍ଥାପନ ପାଇଁ ମନସ୍ଥ କରିସାରିଛନ୍ତି । ସେହିପରି ଦେଶର ଦ୍ୱିତୀୟ ବଡ଼ ଧନୀ ଗୌତମ ଆଦାନି ମଧ୍ୟ ରାଜ୍ୟରେ ଏକ ଆଲୁମିନିୟମ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛନ୍ତି । ଏଏମଏନଏସ ୩୮ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯାଉଛି । ସେହିପରି ଜେଏସଡବ୍ଲ୍ୟୁ ଷ୍ଟିଲ ମଧ୍ୟ ରାଜ୍ୟରେ ୬୫୦୦୦ କୋଟି ଟଙ୍କା ନିବେଶରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବ । ଦକ୍ଷିଣ କୋରିଆର ଇସ୍ପାତ କମ୍ପାନୀ ପୋସ୍କୋ ଲାଗି ଅଧିଗ୍ରହଣ କରାଯାଇଥିବା ଜମିରେ ଏହି କାରଖାନା ସ୍ଥାପନ ହେବ । ଯେହେତୁ ଇତି ମଧ୍ୟରେ ରାଜ୍ୟରେ କୌଣସି ବଡ଼ ଇସ୍ପାତ କାରଖାନା ନିର୍ମାଣ ହୋଇନାହିଁ, ତେଣୁ ଏହି ଦୁଇ ପ୍ରକଳ୍ପ ରାଜ୍ୟର ନିବେଶ ଅନୁକୂଳ ପରିବେଶ ପାଇଁ ଏକ ପରୀକ୍ଷା ସଦୃଶ ହେବ ।

ଓଡ଼ିଶା ହେଉଛି ଏଭଳି ଏକ ରାଜ୍ୟ ଯାହା ବିଭିନ୍ନ ଜିନିଷ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । ସେଥିପାଇଁ ଏହାର ଖୁଚୁରା ମୁଦ୍ରାସ୍ଫୀତି ହାର ସାତ ପ୍ରତିଶତରୁ ଅଧିକ ରହିଛି । ଅର୍ଥନୀତିଜ୍ଞମାନଙ୍କ ମତରେ ଅନେକ ସାମଗ୍ରୀରେ ଓଡ଼ିଶା ଆତ୍ମନିର୍ଭରଶୀଳ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଲୋକମାନଙ୍କୁ ଅନେକ ଜିନିଷ କିଣି ଖାଇବାକୁ ପଡୁଛି । ଯେହେତୁ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡୁଛି, ସେଥିପାଇଁ ଜାତୀୟ ହାର ତୁଳନାରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ଅଢ଼େଇ ପ୍ରତିଶତ ଅଧିକ ରହୁଛି । ସେହି ସ୍ଥିତିରେ ଉନ୍ନତି ଆଣିବା ନୂଆ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ । ରାଜ୍ୟରେ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡୁଛି । ତେଣୁ ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ଉପରେ ଜୋର ଦେବାକୁ ହେବ । ଚାଷୀକୂଳ ପାଖରେ ଯେଭଳି ଅଧିକ ଟଙ୍କା ପହଞ୍ଚିବ ଏବଂ ସେମାନଙ୍କ ଆୟ ବଢ଼ିବ, ସେ ଦିଗରେ ନୂଆ ସରକାରଙ୍କୁ କାମ କରିବାକୁ ପଡ଼ିବ ।

ଓଡ଼ିଶାବାସୀ ଚଳିତଥର ବିଜେପିକୁ ଅଭୂତପୂର୍ବ ସମର୍ଥନ ଅଜାଡ଼ିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଥିବାରୁ ଓଡ଼ିଶାବାସୀଙ୍କ ଦାବୀ ଓ ଆଶା ଅଧିକା ରହିବା ସ୍ୱାଭାବିକ । ସବୁଠାରୁ ବଡ଼ କଥା ହେଉଛି ଓଡ଼ିଶା ବିଜେପିର ଅନ୍ୟତମ ଲୋକପ୍ରିୟ ଚେହେରା ତଥା ସହରାଞ୍ଚଳ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଯାୟୀ ରାଜ୍ୟର ସହରାଞ୍ଚଳ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ ହୋଇଛି ଏବଂ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିବା ସହ ଲୋକ ଡବଲ ଇଞ୍ଜିନ ସରକାରର ସୁଫଳ ପାଉଛନ୍ତି । ରାଜ୍ୟ ସହରାଞ୍ଚଳ ମନ୍ତ୍ରୀଙ୍କ ଅନେକ ଗ୍ରସ୍ତ ବିଶେଷକରି ଯେଉଁ ପ୍ରକଳ୍ପଗୁଡ଼ିକୁ ସେ ତତ୍ତ୍ୱାବଧାନ କରୁଛନ୍ତି ଏହାର ଶେଷ ନିଷ୍କର୍ଷରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେ ବିରାମ ନେଉ ନାହାଁନ୍ତି । ଓଡ଼ିଶାରେ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ମୋଦିଜୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଓଡ଼ିଶାରେ ରହିଥିବା ବିପୁଳ ପ୍ରାକୃତିକ ସମ୍ପଦ ପାଇଁ ଉପକୂଳ ଅର୍ଥନୀତିକୁ ସମୃଦ୍ଧ ପାଇଁ ସେ ନିଶ୍ଚିନ୍ତ କାର୍ଯ୍ୟକରିବେ । ରାଜ୍ୟରେ ଥିବା ସୁବିସ୍ତୃତ ବେଳାଭୂମିରୁ ଲାଭ ଓଡ଼ିଶା ପାଇବ ଏବଂ ଓଡ଼ିଶାରେ ସାଗରମାଳା ପ୍ରକଳ୍ପ ଆହୁରି ବେଗବାନ ହେବ । ପୂର୍ବରୁ ମତ୍ସ୍ୟ ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ ଓ ବୋଟର ଆଧୁନୀକରଣ ପାଇଁ କିଶାନ କ୍ରେଡ଼ିଟ କାର୍ଡ଼ର ବ୍ୟବସ୍ଥା କେନ୍ଦ୍ର ମତ୍ସ୍ୟଚାଷ ମନ୍ତ୍ରଣାଳୟ ଜରିଆରେ ବଣ୍ଟନ କରାଯାଉଛି । ଏଥିରେ ରାଜ୍ୟର ମତ୍ସ୍ୟଚାଷୀ ଉପକୃତ ହେବାସହ କୋଷ୍ଟାଲ ସର୍କିଟ ସ୍କିମ ଅଧୀନରେ ରାଜ୍ୟ ଲାଭବାନ ହେବ । ସେ ସମୟରେ ମୋଦିଜୀ ଓଡ଼ିଶାର ଲୋକମାନେ ପ୍ରାକୃତିକ ସମ୍ପଦରେ ଭରପୁର ଥାଇ ମଧ୍ୟ ଏବେ ବି ଗରିବ ହୋଇ ରହିଥିବାରୁ ବିଜେପି ସରକାର ଏମାନଙ୍କ ସ୍ଥିତି ବଦଳାଇବା ପାଇଁ କାର୍ଯ୍ୟ କରିବାର ପ୍ରତିଶ୍ରୁତି ପାଳନର ସମୟ ପହଞ୍ଚିଛି । ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିର୍ବାଚନ ସାମ୍ନା କରୁଥିବା ବର୍ଷର ପୁରୁଣା ସରକାର ଅନ୍ତରଣୀୟ ବଜେଟ ରଖିଥାନ୍ତି ।

ନୂଆ ଅଭିବୃଦ୍ଧି ଓ ବିକଶିତ ଓଡ଼ିଶା ଗଠନରେ ରାଜ୍ୟବାସୀ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ଠାରୁ ଢ଼େର ଆଶା, ଇଚ୍ଛା ଓ ସଂକଳ୍ପ ରଖିବା ସ୍ୱାଭାବିକ । ଓଡ଼ିଶାରେ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ, ଇ-ଗଭର୍ଣ୍ଣାନ୍ସ, ଶିଳ୍ପ କ୍ଲଷ୍ଟରର ଉନ୍ନତି, ଭିତ୍ତିଭୂମିର ବିକାଶ, ଜିଲ୍ଲାସ୍ତରୀୟ ନିବେଶ ପରି ବିଭିନ୍ନ ତ୍ୱରାନ୍ୱିତ ଯୋଜନା ମୋହନ ସରକାରଙ୍କ କର୍ମ ପ୍ରବଣତା ଓ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ସମ୍ପର୍କରେ ସୀଚିତ କରୁଛି । ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହେଉ, ଓଡ଼ିଆ ପୁଅଟି ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ନିଜ ଜନ୍ମମାଟିରେ ରଖି ପ୍ରଗତିର ନୂଆ ଓଡ଼ିଶାରେ ନିଜ ପରିଚୟ ସୃଷ୍ଟି କରିବାରେ ସମର୍ଥ ହୁଅନ୍ତୁ ଏହି କାମନାଟି କୋଟି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ରଖୁଛି ।

+ପ୍ରତିଷ୍ଠାତା, ସମ୍ପାଦକ
'ସିଂହଭୂମ୍', ପୁରୁଣା ସୋନାରି,
ଜାମସେଦପୁର,
ମୋ: ୭୪୮୮୯୯୮୫୩୨

# ଦଲାଇଲାମାଙ୍କ ପୁନର୍ଜନ୍ମକୁ ନେଇ କାହିଁକି ଭୟଭୀତ ଚୀନ ?



**ଡ. ସମନ୍ୱୟ ନନ୍ଦ**

ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ଓ ଜୀବନ୍ତ ବୁଦ୍ଧ ଭାବେ ସ୍ୱୀକାର କରାଯାଉଥିବା ଦଲାଇଲାମା ପୁଣି ଥରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦଲାଇଲାମା ସଂସ୍ଥା ସମାପ୍ତ ହେବ ନାହିଁ ଓ ତାଙ୍କର ପୁନର୍ଜନ୍ମ ନିଶ୍ଚିତ ଭାବରେ ହେବ । ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ଦଲାଇଲାମା ଏହା ବ୍ୟତୀତ ସେ ଚୀନ ଓ ନିଜର ଅନୁଯାୟୀ ମାନଙ୍କୁ ସ୍ପଷ୍ଟ ଭାଷାରେ ବାର୍ତ୍ତା ଦେଇଛନ୍ତି ଯେ ଆଗାମୀ ଦଲାଇଲାମା କିଏ ହେବ ତାହାର ନିଷ୍ପତି ଆଧାତ୍ମିକ ଭାବେ କରାଯିବ । ଶହ ଶହ ବର୍ଷର ତିବତୀୟ ପରମ୍ପରା ଅନୁସାରେ ତାଙ୍କର ପୁନର୍ଜନ୍ମ ହେବ ଓ ତାଙ୍କର ସହଯୋଗୀ ବିଶ୍ୱସ୍ତ ବୌଦ୍ଧ ଭିକ୍ଷୁ ମାନଙ୍କର ଏକ ସମୂହ ନିକଟରେ ତାଙ୍କର ଉତରାଧିକାରୀକୁ ଚିହ୍ନଟ କରିବା ନିମନ୍ତେ ସମ୍ପୂର୍ଣ ଅଧିକାର ରହିବ । ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ ଯେଉଁଥିରେ ଏକ ଶିଶୁକୁ ଖୋଜାଯାଏ ଯେଉଁଥିରେ ଦଲାଇଲାମାଙ୍କ ଆତ୍ମାର ପୁନର୍ଜନ୍ମ ହୋଇଥାଏ । ଦଲାଇଲାମା ଏହି ଅବସରରେ ନିଜର ଭିକ୍ଷୁ ମାନଙ୍କୁ କହିଛନ୍ତି ଏହି ବିଷୟରେ ହସ୍ତକ୍ଷେପ କରିବାର କାହାକୁ କୌଣସି ଅଧିକାର ନାହିଁ ।

ଦଲାଇଲାମାଙ୍କ ଏହି ଘୋଷଣା ବାସ୍ତବରେ କମ୍ୟୁନିଷ୍ଟ ଚୀନକୁ ଏକ ବଡ ବାର୍ତ୍ତା ବୋଲି ମନେ କରାଯାଉଛି । କାରଣ କମ୍ୟୁନିଷ୍ଟ ଚୀନ ସରକାରକୁ ସେ ସ୍ପଷ୍ଟ ଶବ୍ଦରେ ସୂଚାଇ ଦେଇଛନ୍ତି ଯେ ଦଲାଇଲାମା କେଉଁଠି ଜନ୍ମ ନେବେ ଓ ତାଙ୍କର ଚୟନ କରିବାର ଅଧିକାର କେବଳ ତାଙ୍କର ଓ ତାଙ୍କର ସହଯୋଗୀ ଭିକ୍ଷୁ ମାନଙ୍କର ରହିଛି । ଚୀନ ଏହା ପୂର୍ବରୁ ବାରମ୍ବାର କହି ଆସିଥିଲା ଯେ ଆଗାମୀ ଦଲାଇଲାମାଙ୍କୁ ଚୟନ କରିବାର ଅଧିକାର କେବଳ ଚୀନ ସରକାରଙ୍କ ନିକଟରେ ଅଛି ।

ଦଲାଇଲାମାଙ୍କ ବର୍ତମାନର ଏହି ଘୋଷଣାକୁ ମଧ୍ୟ ଚୀନ ସହଜରେ ଗ୍ରହଣ କରି ପାରି ନାହିଁ । କାରଣ ଚୀନ ଜାଣିଛି ଯେ ଏପରି ହେବା ଦ୍ୱାରା ଚୀନର ଲକ୍ଷ୍ୟ ସାଧିତ ହେବ ନାହିଁ । ତେଣୁ ଚୀନ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୌଣସି ପୁନର୍ଜନ୍ମକୁ ସେତେବେଳେ ମାନ୍ୟତା ପ୍ରଦାନ କରାଯିବ ଯେତେବେଳେ ଚୀନର କମ୍ୟୁନିଷ୍ଟ ସରକାର ତାକୁ ଅନୁମୋଦନ ଦେବ । ଚୀନର କମ୍ୟୁନିଷ୍ଟ ସରକାର କହିଛି ଯେ ୨୦୦୭ ମସିହାର ଆଇନ ଅନୁସାରେ ପୁନର୍ଜନ୍ମର ଅଧିକାର କେବଳ ଚୀନ ସରକାରଙ୍କ ଅଧୀନରେ ରହିଛି ।

ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭବିକ ଯେ ଦଲାଇଲାମା ଓ ତାଙ୍କର ପୁନର୍ଜନ୍ମକୁ ନେଇ ଚୀନ ଏତେ ଚିନ୍ତିତ କାହିଁକି ? ଦଲାଇଲାମା କେଉଁଠି ଜନ୍ମ ହେବେ, ସେ କାହା ଶରୀର ଧାରଣ କରି ପୁନର୍ଜନ୍ମ ନେବେ ଏହା ସହିତ କମ୍ୟୁନିଷ୍ଟ ଚୀନର କଣ ସମ୍ପର୍କ ରହିଛି ? ଚୀନର ଏହି ଚିନ୍ତା ପଛରେ ବଡ ରହସ୍ୟ ରହିଛି । ଯଦିଓ ଚୀନ ତିବ୍ବତକୁ ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି ବଳପୂର୍ବକ ଅଧିକାର କରି ରଖିଛି ଓ ତିବ୍ବତୀୟ ମାନଙ୍କ ସହ ସମସ୍ତ ପ୍ରକାର ପାଶବିକ ଅତ୍ୟାଚାର କରି ଆସୁଛି ତଥାପି ସେମାନଙ୍କ ମନରୁ ତିବ୍ବତୀୟ ରାଷ୍ଟ୍ରୀୟତା ବା ତିବ୍ବତୀୟତାର ଧାରଣାକୁ ଦୂର କରିବାରେ ସଫଳ ହୋଇ ନାହିଁ । ଏହାର କାରଣ ହେଲା ଦଲାଇଲାମା ହେଉଛନ୍ତି ତିବ୍ବତୀୟ ରାଷ୍ଟ୍ରୀୟତା ପ୍ରତୀକ । ଯଦିଓ ତିବ୍ବତର ଭୂମି ଚୀନର ଅଧିକାରରେ ଅଛି, ଦଲାଇଲାମା ଚୀନର ଅଧିକାରରେ ନାହାନ୍ତି । ତେଣୁ ତିବତର ଲୋକ ମାନେ ମନେ କରନ୍ତି ଯେ ପର୍ଯ୍ୟନ୍ତ ଦଲାଇଲାମା ସ୍ୱାଧୀନ ଅଛନ୍ତି ସେପର୍ଯ୍ୟନ୍ତ ତିବତର ରାଷ୍ଟ୍ରୀୟତା ବା ତିବତୀୟତା ପରାଧୀନ ହୋଇ ନାହିଁ । କମ୍ୟୁନିଷ୍ଟ ଚୀନ ଗତ ସାତ ଦଶନ୍ଧୀରୁ ଉର୍ଦ୍ଧ ସମୟ ଧରି ତିବ୍ବତର ସାଧାରଣ ଲୋକ ମାନଙ୍କ ମାନସପଟରୁ ତିବ୍ବତୀୟତାକୁ ସମାପ୍ତ କରିବାକୁ ଅନେକ ଷଡଯନ୍ତ୍ର କରି ଆସିଛି । ବୌଦ୍ଧ ମଠ ଗୁଡିକୁ ଚୀନର କମ୍ୟୁନିଷ୍ଟ ସରକାର ନଷ୍ଟ କରୁଛି । ବୌଦ୍ଧ ଭିକ୍ଷୁ ମାନଙ୍କୁ ସେମାନଙ୍କର ଉପାସନା କରିବାକୁ ଦେଉ ନାହିଁ । ମଠ ଗୁଡିକର ଅଧିକାରକୁ ସଂକୁଚିତ କରୁଛି । ତିବ୍ବତରେ ହାନ୍ ଜାତିର ଲୋକ ମାନଙ୍କୁ ବସବାସ କରାଇ ତିବ୍ବତୀୟ ଝିଅ ମାନଙ୍କ ସହ ଜୋର ଜବରଦସ୍ତି ବିବାହ କରାଇ ତିବ୍ବତୀୟ ମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚେଷ୍ଟା କରି ଆସୁଛି । ଯଦି କାହା ନିକଟରେ ଦଲାଇଲାମାଙ୍କ ଫଟୋ ଚୀନର କମ୍ୟୁନିଷ୍ଟ ସରକାର ପାଏ ତେବେ ତାକୁ ସଙ୍ଗେ ସଙ୍ଗେ ଜେଲର କାଳ କୋଠରୀରେ ପୂରାଇଥାଏ । ଦମନର ଏହି ପ୍ରକ୍ରିୟା ଅନବରତ ଚାଲି ଆସିଛି । ଏ ସବୁ ସତ୍ୱେ ତିବତୀୟଙ୍କ ମନରେ ଦଲାଇଲାମାଙ୍କ ପ୍ରତି ଶ୍ରଦ୍ଧା ଅର୍ଥାତ ତିବ୍ବତୀୟତା ସମାପ୍ତ ହୋଇ ନାହିଁ । ଦଲାଇଲାମାଙ୍କ ତିବ୍ବତର ଲୋକ ମାନଙ୍କ ମାନସରେ ଏହି ପ୍ରଭାବ କାରଣରୁ କମ୍ୟୁନିଷ୍ଟ ଚୀନ ସର୍ବଦା କରୁଣା ଓ ପ୍ରେମର ଅବତାର ଦଲାଇଲାମାଙ୍କ ପ୍ରତି ଗାଳିଗୁଲଜର ଭାଷା ପ୍ରୟୋଗ କରି ଆସିଛି । କମ୍ୟୁନିଷ୍ଟ ଚୀନ ତାଙ୍କୁ ସାଧୁଙ୍କ ବସ୍ତ୍ରରେ ଜଣେ କୋକିଶିଆଳୀ ବୋଲି ବାରମ୍ବାର କହିଥାଏ । ଏଥିରୁ ଚୀନର ଦଲାଇଲାମାଙ୍କ ପ୍ରତି ଘୃଣା ସ୍ପଷ୍ଟ ହୋଇଥାଏ । ଦଲାଇଲାମା କେଉଁ ଦେଶକୁ ଗଲେ ସେହି ଦେଶ ଉପରେ ଚାପ ପ୍ରୟୋଗ କରି ତାଙ୍କର ଗସ୍ତକୁ ରଦ୍ଦ କରିବାକୁ ଚେଷ୍ଟା କରିଥାଏ ।

କମ୍ୟୁନିଷ୍ଟ ଚୀନ ଭଲ ଭାବେ ଜାଣିଛି ଯେ ଯେ ପର୍ଯ୍ୟନ୍ତ ପରମ ପାବନ ଦଲାଇଲାମା ଅଛନ୍ତି ସେ ପର୍ଯ୍ୟନ୍ତ ତିବ୍ବତ ଉପରେ ଅଧିକାର କଲେ ସୁଦ୍ଧା ତିବତୀୟତାକୁ ସମାପ୍ତ କରି ପାରିବ ନାହିଁ । ତେଣୁ ସେ ସମୟକୁ ଅପେକ୍ଷା କରିଛି । ଦଲାଇଲାମାଙ୍କ ବୟସ ଅଧିକ ହେବା କାରଣରୁ ତାଙ୍କର କେବେ ମୃତ୍ୟୁ ହେବ ତାକୁ ଚୀନର କମ୍ୟୁନିଷ୍ଟ ସରକାର ଅପେକ୍ଷା କରିଛି । କମ୍ୟୁନିଷ୍ଟ ଚୀନ ଜଗି ବସିଛି, କେବେ ଦଲାଇଲାମାଙ୍କ ମୃତ୍ୟୁ ହେବା ଓ କେବେ ସେ ତା ଆଡୁ ଜଣେ ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଉକ୍ତ ଶିଶୁ ମାଧ୍ୟମରେ ସେ ତିବ୍ବତର ରାଷ୍ଟ୍ରୀୟତାକୁ ସମାପ୍ତ କରି ଦେବ । ଦଲାଇଲାମା ମଧ୍ୟ ଚୀନର ଏହି ଷଡଯନ୍ତ୍ରକୁ ଭଲ ଭାବେ ବୁଝିଛନ୍ତି । ତେଣୁ ସେ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମ ପରାଧୀନ ଥିବା ଭୂମିରେ ହେବ ନାହିଁ । ସେ ପ୍ରକାରାନ୍ତରରେ ତିବତୀୟ ମାନଙ୍କୁ କହି ଆସିଛନ୍ତି ଯେ ଚୀନର ଅଧିକାରରେ ଥିବା ତିବତରେ ସେ ଜନ୍ମ ନେବେ ନାହିଁ । ଭାରତର ଅରୁଣାଚଳ ପ୍ରଦେଶର ତବାଙ୍ଗ ଅଂଚଳରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି । ଏହା ପୂର୍ବରୁ ଜଣେ ଦଲାଇଲାମା ତୱାଙ୍ଗ ଅଂଚଳରୁ ହୋଇ ସାରିଛନ୍ତି । ତେଣୁ ଦଲାଇଲାମା ତିବତୀୟ ମାନଙ୍କୁ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚୀନ ଯେଉଁ ଶିଶୁକୁ ଦଲାଇଲାମା ବୋଲି ଘୋଷଣା କରିବ ତାକୁ ସେମାନେ ଦଲାଇଲାମା ବୋଲି ସ୍ୱୀକାର ନ କରନ୍ତୁ । ସେ ତୱାଙ୍ଗ ଅଂଚଳରେ ଜନ୍ମ ନେବେ ଓ ତାଙ୍କର ବିଶ୍ୱସ୍ତ ଭିକ୍ଷୁ ମାନଙ୍କର ସମୂହ ସେହି ଶିଶୁକୁ ଚିହ୍ନିବେ । ତାଙ୍କୁ ହିଁ ସେମାନେ ଦଲାଇଲାମା ବୋଲି ସ୍ୱୀକାର କରନ୍ତୁ । ଦଲାଇଲାମାଙ୍କର ଏହି ବକ୍ତବ୍ୟ ଚୀନର ଦୀର୍ଘ ଦିନର ଆଶାକୁ ନିରାଶାରେ ପରିବର୍ତନ କରି ଦେଇଛି । ତେଣୁ ଚୀନର ସରକାରଙ୍କୁ ଦଲାଇଲାମାଙ୍କ ବକ୍ତବ୍ୟ ଉପରେ ବାଧ ହୋଇ ପ୍ରତିକ୍ରିୟା ଦେବାକୁ ପଡିଛି ଓ କହିବାକୁ ପଡିଛି ଯେ ଚୀନ ସରକାରଙ୍କ ଅନୁମୋଦନ ବିନା ଦଲାଇଲାମାଙ୍କ ପୁନର୍ଜନ୍ମକୁ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ।

ତେବେ ଦେଖିବାକୁ ଗଲେ ଚୀନ ବର୍ତମାନ ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଅନ୍ୟତମ । ସାମରିକ ଶକ୍ତି, ପରମାଣୁ ବୋମା ଠାରୁ ଆରମ୍ଭ କରି ଟେକ୍ନୋଲଜୀ କ୍ଷେତ୍ର ହେଉ ବା ବାଣିଜ୍ୟ କ୍ଷେତ୍ର ହେଉ ଚୀନ ନିଜକୁ ମହାଶକ୍ତି ବୋଲି ପ୍ରଚାରିତ କରିଥାଏ । ହେଲେ ଏତେ ବଡ ମହାଶକ୍ତି ଚୀନ ଆଜି ଜଣେ ସାଧାରଣ ଭିକ୍ଷୁ ଦଲାଇଲାମାଙ୍କ ଆଗରେ ଭୟଭୀତ । ଏହି ସାଧାରଣ ବୌଦ୍ଧ ଭିକ୍ଷୁଙ୍କ ନିକଟରେ ନା ପରମାଣୁ ବୋମା ଅଛି, ନା ସେନା ବାହିନୀ ଅଛି ନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଅଛି ? ତଥାପି ଚୀନ ତାଙ୍କ ନିକଟରେ ଭୟଭୀତ ଓ ପ୍ରଭାବହୀନ । ଦଲାଇଲାମାଙ୍କ ମୃତ୍ୟୁକୁ ସେ ଅପେକ୍ଷା କରିଛି । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ନାସ୍ତିକବାଦୀ ବିଚାରଧାରା କମ୍ୟୁନିଜମରେ ବିଶ୍ୱାସ କରୁଥିବା କମ୍ୟୁନିଷ୍ଟ ଚୀନ ସରକାରକୁ ପୁନର୍ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର କରିବାକୁ ବାଧ ହେବାକୁ ପଡୁଛି ଓ ଦଲାଇଲାମାଙ୍କ ପୁନର୍ଜନ୍ମ କେଉଁଠାରେ ହେବ ସେ ନେଇ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରୁଛି । ଏହାଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ? ତେବେ ଏ ସମ୍ପର୍କରେ ନିର୍ବାସିତ ତିବ୍ବତ ସରକାରର ପ୍ରଧାନମନ୍ତ୍ରୀ ପେନପା ସେରିଙ୍ଗଙ୍କ ବକ୍ତବ୍ୟକୁ ଉଲ୍ଲେଖ କରିବା ଜରୁରୀ ମନେ ହେଉଛି ଯେଉଁଥିରେ ସେ କହିଛନ୍ତି ଯେ, 'ଯଦି ଚୀନ ବାସ୍ତବରେ ପୁନର୍ଜନ୍ମରେ ବିଶ୍ୱାସ କରୁଛି ତେବେ ପ୍ରଥମେ ତାକୁ ମାଓ ସେ ତୁଙ୍ଗ ଙ୍କ ଭଳି ନିଜ ନେତା ମାନଙ୍କର ପୁନର୍ଜନ୍ମ ସମ୍ପର୍କରେ ଖୋଜିବା ଉଚିତ ହେବ ।

କବିତା କୋଣାର୍କ

## ଆତ୍ମବିଶ୍ୱାସ

**ସଦାଶିବ ବିଶ୍ୱାଳ**



ଏ ଆକାଶ ନ ହେଲେ ନାହିଁ
ନୂଆ ଆକାଶ ଖୋଜି ନେବି
ମୁଁ ସେଇ ଚଢେଇ ନୁହେଁ ଯେ
ଉଡିବା ଛାଡ଼ିଦେବି ?

ପଚାରନି ମୋତେ, ଜିଦି ମୋର
କେତେ ଶବ୍ଦହୀନ ଆଜି
ଏକ ନୂଆ ଆରମ୍ଭ,
ନୂଆ ଆରମ୍ଭ ସୁନିଶ୍ଚିତ,
ମାନୁଛି ମୁଁ ନିଃଶବ୍ଦ ଆଜି

ଏ ପାରାବାର ଚାଲିଗଲା ତ କ'ଣ
ମୁଁ ପହଁରିବା ଛାଡ଼ିଦେବି ?
ସେଇ ଡ଼ଙ୍ଗା ମୁଁ ଯେ
ନୂଆ ସାଗର ଖୋଜିନେବି

ପାଦ ବଢ଼ାଇ ଚାଲିଛି ଚାଲିବି
ନିଶ୍ୱାସ ଥିବାଯାଏ
ପରିସ୍ଥିତି ଯାହା ଥାଉ
ମୋ ପାଦ ଉଠୁଥିବ ମଲାଯାଏ

ଏକ ରାସ୍ତା ନ ମିଳିଲା ନାହିଁ
ଅନ୍ୟପଥ ବାଛିନେବି
ମୁଁ ସେଇ ପଥିକ ନୁହେଁ
ଯେ ଚାଲିବା ଛାଡ଼ିଦେବି

ସ୍ୱପ୍ନ ଜୀବିତ ରଖେ
ଲକ୍ଷ୍ୟ ନିର୍ଦ୍ଧାରିତ
ହାରିବା ପଥର ଅଂଶ ମାତ୍ର
ହାରୁ ହାରୁ ଜିତିବା ନିଶ୍ଚିତ

ଏ ଆଶ୍ରୟସ୍ଥଳୀ ନ ହେଲା ନାହିଁ
ଖୋଜି ନେବି ଆଉକ ଠିକଣା
ଖୋଜିବା ଛାଡ଼ିବି ନାହିଁ
ଆତ୍ମବିଶ୍ୱାସ ରଖି ହେବିନି ବାଟବଣା

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

## ସେ ଯେ ବଞ୍ଚିବା ପାଇଁ ଚାହୁଁଥିଲା

**ସସ୍ମିତା ସ୍ୱାଇଁ**



ଉଚ୍ଛୁଳା ନଈର ସୁଅଟା ସେଦିନ
ମାଇଲ ମାଇଲକଣ୍ଟକ ପଥେ ବହିଗଲା
ପର୍ବତଗିରି ମହାମହାଦ୍ରୁମ ଟାଳିଦେଲା
କେତେ ଗାଁ ଗଣ୍ଡାକୋଠା
ଅଟାଳକା ଭାଙ୍ଗି ଦେଲା
ତାକୁ ଦେଖି ଦେଖି
ଦୁବଘାସ ମନେ ଡରୁଥିଲା
ଏମିତି ବି ସିଏ ନିଜ ଜୀବନକୁ
ହୀନଠାରୁ ହୀନ ଭାବୁଥିଲା
ଗର୍ବ ଅହଂକାର ଦୂର ଆଉ ସିଏ
ଆକାଶକୁ ଚାହିଁ ବଞ୍ଚିଥିଲା
ଉଚ୍ଛୁଳା ନଈଟା କାହିଁକି କେଜାଣି
ମନ କଥା ତାର ଜାଣି ହେଲା
ତାର ନମ୍ରତାଆଗେ ନଇଁଗଲା
ଏତେ ପ୍ରଖର ସୁସ୍ଫୁଟକାର
ଛାର ଦୁବଘାସ ଆଗେ ହାରିଗଲା
ତାକୁ କଅଁଳପରଶ ଦେଇଗଲା
ସେ ଯେ ଧରଣୀ ଉପରେ ଶୋଇଗଲା ।
ଉଚ୍ଛଳା ନଈ ସୁଅଟା ତା ପରେ
ଆଗକୁ ଆଗକୁ ବହିଗଲା
ଯାହାହେଉ ସିଏ ଜିଇଁଗଲା
ଏ ବିରାଟ ଝଡ ଭିତରେ ସେ
ବଞ୍ଚିବା ପାଇଁ ଚାହୁଁଥିଲା ।

+ଶିଶିଲୋ, ଖୋର୍ଦ୍ଧା
ମୋ: ୯୪୩୮୦୯୭୨୫୫





# ଦେଖି ପୁଷି ବିଲେଇ ମୂଷା ଗଲା ଡରେ ପଳେଇ



## ସୁନନ୍ଦା ମହାନ୍ତି

ଛୁଟି ତ ଛୁଟି ପୁଣି ରବିବାର ଛୁଟି। ମୁନା ଗଡେଇ ତଡେଇ ହୋଇ ଶୋଉଥିଲା ପଛେ ଅଳସ ତେଜି ଉଠୁ ନଥିଲା ତ ଜେଜେ ମାଆ ଡାକ ଛାଡିଲେ। କହିଲେ ଅଳସୁଆ ଦୁଃଖ ପାଏ। ଉଠୁ ଉଠୁ ଚଞ୍ଚଳ ଉଠୁ ଦେଖିବୁ କେମିତି ଠାକୁର ଘରେ ଦୀପ ସଳିତାରେ ଜଗନ୍ନାଥ ଆବିର୍ଭାବ ହୋଇଛନ୍ତି। ଆଶ୍ଚର୍ଯ୍ୟ ରେ ଆଖି ମଳି ମଳି ଉଠିଲା ମୁନା। ଭାବିଲା ଘରେ ମୂଷା ଗୁଡାକ ଭାରି ହଇରାଣ କରୁଛନ୍ତି ବୋଲି ଜେଜେମାଆ, ଜେଜେଙ୍କୁ କହି ମୂଷା ଧରା ଯନ୍ତା



କିଣି ଆଣି ସେଥିରେ ରୁଟି, ଛେନା, କଦଳୀ ଇତ୍ୟାଦି ଯେତେ ଯାହା ରଖିଲେ ମଧ୍ୟ ମୂଷା ପଶୁନାହାଁନ୍ତି ବରଂ ଖସି ଯାଉଛନ୍ତି। ଯାହା ତ ଶସ୍ୟ ନଷ୍ଟ କରୁଛନ୍ତି ବୋଲି ମୁନା ବାପା ଖୁବ ବ୍ୟସ୍ତ। ସେଥିପାଇଁ ସେ ସବୁଆଡେ ଗନ୍ଧ କର୍ପୁର ଦେଇ ରଖିଛନ୍ତି ଶସ୍ୟ ସାଇତି। ମୂଷା ପଲ ତଥାପି ମାନିବାର ନାହିଁ। ଲୁଗାପଟା କାଟି କୁଟି କଣା କରୁଛନ୍ତି ବୋଲି ମୁନାର ବୋଉ ମନ ଦୁଃଖ କରି ଘରେ ଝୁଣା ଦେଇ ଯେତେ ଯାହା କଲେ ମଧ୍ୟ ଟିକେ ଅଣହୁସିଆର ହେଲେ କଥା ସରିଲା। ଲୁଗା ପଟା ଆଉ ଆଲେଣା ରେ ରହୁନି କିନ୍ତୁ କମ୍ବଳ ଚାଦରକୁ ତ ଆଉ ସବୁଦିନ ଆଲମିରା କି ସିନ୍ଦୁକ ଅବା ଟ୍ରଙ୍କରେ ରଖିହେବନି ଏ ଶୀତ ଦିନେ! ମୂଷା ଏତେ କଥା କରିବା ସହ ଏବେ ଜେଜେମାଆଙ୍କ ଠାକୁର ଘର ଉପରେ ନଜର ପକେଇଛି। ଜଳୁଥିବା ଅଖଣ୍ଡ ଦୀପ ରୁ ବଳିତା କାଢିନେଉଛି। ଅଲକ୍ଷେଣା ମୂଷାର ଆଜି ଦିନେକୁ ମୋର ଦିନେ କହି ଜେଜେମାଆ, ଜେଜେଙ୍କୁ ମୂଷାମରା ଔଷଧ ଆଣିବାକୁ କହିବାରୁ ସେ ରାଜି ହୋଇଗଲେ। ତାଙ୍କ ଚଷମା ମୂଷା ଫିଙ୍ଗିଦେଇଥିଲା କୋଉଠି ଘରେ। ପୁଣି ଜେଜେଙ୍କ ବଙ୍କୁଲି ବାଡ଼ି ଅଗ୍ରରେ ଲାଗିଥିବା ସୁନାପରି ଦିଶୁଥିବା ଓ ଚକ ଚକ କରୁଥିବା ବଇଠି ଟିକୁ ଦାନ୍ତ ଲଗେଇ ଚେପା କରିବା ପରେ ଏବେ ଏବେ କୁଆଡେ ଫୋପାଡି ଦେଇଛିତ ଜେଜେ ପାଉନାହାଁନ୍ତି ସେଇଟିକୁ। ସେ ପିତ୍ତଳ ପରି ଧାତୁର ବଇଠି ନଥାଇ ବଙ୍କୁଲି ବାଡ଼ିଟି ଆଉ ପୂର୍ବ ପରି ଦେଖାଯାଉନଥିବାରୁ ଜେଜେ ମଧ୍ୟ ମୂଷା ମରା ଔଷଧ ଆଣିବାକୁ ରାଜି ହୋଇଗଲେ।

ମୁନା ସେଦିନ ଏଡ଼େ ଶୀତରେ କମଳ ତଳେ କାନ୍ଦୁଥିଲା। ମୂଷା ଗଣେଶଙ୍କ ବାହାନ ବୋଲି ନିଜେ କହିଥିବା ବାପା ପ୍ରତିବାଦ କଲେନାହିଁ। ବୋଉ ସୁନ୍ଦର ଚିତ୍ର ଅଙ୍କନ କରେ। ସେ ମଧ୍ୟ ଗଣେଷଙ୍କ ଚିତ୍ରପଟ ଓ ଛୋଟ ମୂଷା ଚିତ୍ରଟିଏ ଅଙ୍କନ କରି କହୁଥିଲା ପ୍ରଭୂ ତୁମେ ସତରେ ଜୀବନ୍ତ ରୂପେ ଆସନ୍ତ ନାହିଁ କାନଭାସକୁ ମୋ ଚିତ୍ରପଟ ଆହୁରି ସରସ, ସତେଜ ଓ ସୁନ୍ଦର ଦିଶନ୍ତା! ଏବେ ଜୀବନ୍ତ ମୂଷା ଆସୁଥିଲେ ବି ତାକୁ ବିଷ ଦେଇ ମାରିବାକୁ ଜେଜେମାଆ ଚିନ୍ତା କଲାବେଳେ ବୋଉ ବି ଚୁପ ରହିଥିବାର ଦେଖି ମୁନା ବୁଝିଗଲା କି ମୂଷାର ଆଉ ରକ୍ଷା ନାହିଁ। ସେ ଅପେକ୍ଷା କଲା। ସମସ୍ତେ ଶୋଇ ସାରିବା ପରେ ପାଦ ଚିପି ଚିପି ଠାକୁର ଘରକୁ ଯାଇ ଗଣେଷଙ୍କୁ କେତେ ନେହୁରା ହେଲା। ତୁମ ବାହାନକୁ ତୁମେ ରକ୍ଷା କର ଓ ତାର ଦୁଷ୍ଟ ବୁଦ୍ଧିକୁ ପରିହାର କର ପ୍ରଭୁ କହି ବିଷ ପୁଡିଆ ନେଇ ଲାର୍ଟିନ ରେ ପକାଇ ଦେଇ ନିଘୋଡ଼ ନିଦରେ ଶୋଇଗଲା। କାଲି ରବିବାର ଛୁଟି। କେହି ଆଉ ତାକୁ ଉଠେଇବେନି। ସେ ଛୁଟି ଦିନ ଢେର ସମୟ ଯାଏଁ କମ୍ବଳ ଢାଙ୍କି ଶୋଇଯିବ।

ଜେଜେମାଆ ଡାକ ଓ ତାଙ୍କ କଥାରେ ମୁନା ଭାବୁଥିଲା ସବୁଦିନ ପରି ଆଜି ମୂଷା କଣ ଅଖଣ୍ଡ ଦୀପର ବଳିତା ନେଇନି? ତେବେ ଗଣେଷ ପ୍ରଭୁ ତାକୁ କୁବୁଦ୍ଧି ପରିବର୍ତ୍ତେ ସୁବୁଦ୍ଧି ଦେଲେ ନା କଣ! ଜେଜେମାଆ ଅନ୍ୟ କେଉଁଠି ଲୁଚାଇ ରଖିଥିବା ମୂଷା ମରା ଔଷଧ ଗୋଳେଇ ମୂଷାକୁ ମାରିଦେଇଛି କି! କିଛି ବୁଝିପାରୁନଥିଲା ମୁନା। ଘର ସାରା ଝୁଣା ଧୂପ ରେ ମହକୁ ଥିଲା। ସମସ୍ତେ ଖୁସି ଥିଲେ କାରଣ ଠାକୁର ସ୍ୱୟଂ ଜଗନ୍ନାଥ ମୁନା ଘର ଠାକୁର ଘରେ ଦୀପ ଶିଖା ରେ ବିରାଜମାନ ହୋଇଛନ୍ତି। ପ୍ରଜାପତି ଡେଣାରେ ଥରେ ଜଗନ୍ନାଥଙ୍କ ଦୁଇ ଚକା ଚକା ନୟନ ଦେଖି ଜେଜେମାଆ ପ୍ରଜାପତି କୁ କେତେ ମୁଣ୍ଡିଆ ମାରୁ ମାରୁ ସେ ଉଡି ଯାଇଥିଲା। ଆଜି ଜେଜେମାଆ ଖୁବ ଖୁସି ଥିବେ କିନ୍ତୁ ମୁନା ଅଲଗା କଥା ଭାବୁଥିଲା ବେଳେ ସମସ୍ତେ କହିବାରୁ ତରତର ହୋଇ ନିତ୍ୟ କର୍ମ ସାରି ଆକାଶର ଠାକୁର ସୂର୍ଯ୍ୟଙ୍କୁ ପାଣି ଅର୍ପଣ କରିବା ପରେ ଠାକୁର ଘରକୁ ଯାଇ ପାଟି କରିଉଠିଲା ଏ ତ ଗଣେଷ ପ୍ରଭୁ। ତୁମ ସମସ୍ତଙ୍କୁ ଜଗନ୍ନାଥଙ୍କ ଦୁଇ ଆଖିର ଭେଳିକି ଲାଗିଥିବାରୁ ତୁମେ କେବଳ ଦୁଇ ଆଖିକୁ ଦେଖି ଜଗନ୍ନାଥ କହୁଛ କିନ୍ତୁ ମଝିରୁ ବାହାରି ଥିବା ଶୁଣ୍ଢଟିକୁ ଅଣଦେଖା କରିଯାଇଛ। ଆରେ ହଁ। ସତେତ! ମୁନା ପୁଣି ପାଟି କରୁଥିଲା ଏଇ ଟିକେ ତଳକୁ ଦେଖ ଟିକି ମୂଷାଟିଏ ପରି ଦୀପଫୁଲ ଜଳୁଛି କେମିତି ଦାଉ ଦାଉ। ସମସ୍ତେ ହେ ପ୍ରଭୁ ଜଗନ୍ନାଥ, ହେ ପ୍ରଭୁ ବିଘ୍ନ ବିନାଶନ ପ୍ରଭୁ ଗଣନାଥ କହୁଥିଲା ବେଳେ ବାପା ଆଣିଥିବା ବିଲେଇ ଟି ଟିକେ ଦୂରରେ ରହି କହୁଥିଲା ମିଆଁଉ ମିଆଁଉ। ଏଥର ମୁନା ବୁଝିପାରିଲା ମୂଷା ବା ମୂଷାମାନେ ଘରୁ କୁଆଡେ ଗଲେ ଓ କାହିଁକି ଗତ ରାତିରେ ଅଖଣ୍ଡ ଦୀପ ର ସଳିତା କାଢି ନେଇ ପାରିନି କେହି ମୂଷା।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ପୋଲୁହ

## ଧୀରେନ୍ଦ୍ର ମଲ୍ଲିକ

ବାଉଁଶ ବତାରେ ଗଢ଼ା ହୋଇଛି ମୁଁ
ପୋଲୁହ ଅଟେ ମୋ ନାଆଁ
ସହରେ ମିଳେନି ଖୋଜିଲେ, କାରଣ
ବାସ ସ୍ଥାନ ମୋର ଗାଆଁ ।
ସମସ୍ତଙ୍କ ଘରେ ଥିଲି ପୂର୍ବ କାଳେ
କରୁଥିଲି ବହୁ କାମ,
ସେପାଇଁ ଆଜି ବି ରହିଛି ଜୀବିତ
ଲିଭିଯାଇନି ମୋ ନାମ।
ନଦୀ ନାଳ ଅବା ପୋଖରୀ ଭିତରେ
ମାଛଟିଏ ଦେଖା ଦେଲେ,
ମତେ ପକେଇଲେ ଉପରେ ତାହାର
ଧରିଥାଏ ମୁହିଁ ଭଲେ।
କୁକୁଡ଼ା ବତକ ଭିତରେ ମୋହର
ନିରିଭୟେ ସଦା ରୁହେ,
ବିଲୁଆ ଛଞ୍ଚାଣ ମାରି ପାରିନ୍ତିନି
ମାଲିକ ଖୁସିରେ କୁହେ।
ଆଗଭଳି ଆଉ ଅବଶ୍ୟ ବିକିରି
ହେଉନାହିଁ ଆଉ ମୋର,
ତଥାପି ଯିଏସେ ଆଣିବ ଘରକୁ
ବାନ୍ଧିବି ସେନେହ ଡୋରା।

+ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

# ଆସ ଦେଶପ୍ରିୟ ନେତାଜୀ ହେଇ

## ଅଶୋକ କୁମାର ପ୍ରଧାନ

ପାଳିବା ସଭିଏଁ ନେତାଜୀ ଜୟନ୍ତୀ
ଆସ କୁନା ମୁନା ଆସରେ ଆସ
ପ୍ରିୟ ନେତାଜୀଙ୍କୁ ସମ୍ମାନ ଜଣାଇ
ଗାଇବା ତାଙ୍କରି କୀରତି ଯଶ।

ଆଜିର ଦିନରେ ତାଙ୍କ ଅବଦାନ
ଗାଇବା ସଭିଏଁ ଆନନ୍ଦ ମନେ
ତାଙ୍କର ବୀରତ୍ୱ,ସାହସପଣକୁ
ସାଇତିବା ଆମ ହୃଦୟ ବନେ।

ଶତ୍ରୁର ଶତ୍ରୁ ଆମ ମିତ୍ର ଅଟେ
ଧରି ସିଏ ଏଇ ଦୁର୍ଗମ ପଥ
ଦେଶ ଜନତାଙ୍କୁ ଡାକରା ଦେଇ ସେ
ଟାଣିଥିଲେ ସ୍ୱାଧୀନତାର ରଥ।

ମୋତେ ରକ୍ତଦିଅ ସ୍ୱାଧୀନ ମୁଁ ଦେବି
ଏ ବୀର ବାରତା ଥିଲେ ସେ କହି
ତାଙ୍କର ବୀରତ୍ୱ ଭାବ ଦେଖି ଗୋରା
ଆଉ କି ଏ ଦେଶେ ପାରିଲେ ରହି।

ଚାଲିଗଲେ ଗୋରା ନିଜ ରାଇଜକୁ
ନେତାଜୀଙ୍କ ଏଇ ହୁଙ୍କାର ଦେଖି
ଗୋରାଏ ଆମରି ଦେଶ ସ୍ୱାଧୀନତା
ଦେଇଦେଲେ ଆମ ହାତରେ ଟେକି।

କହିଲେ ନେତାଜୀ ନିଜ ଜୀବନଠୁ
ବଳି ଅଟେ ଏ ମୋ ଭାରତ ମାଆ
ଝଡି ଯାଉ ମୋର ଏ ଛାର ଜୀବନ
ଉଚ୍ଚା ହେଉ ମୋର ମାଟି ମା ନାଆଁ।

କାଳରେ ଗରଭେ ଲୀନ ହେଲେ ସିଏ
ରହିଲା କୀରତି କହିଲା କାମ
ଆମରି ନେତାଜୀ କେଡେ ଦେଶ ଭକ୍ତ
କେଡେ ପ୍ରିୟ ସତେ ତାଙ୍କରି ନାମ।

ଆସରେ ସଭିଏଁ ପ୍ରଣାମ କରିବା
ହୃଦୟୁ ଭକତି ଫୁଲଟେ ଦେଇ
ଝୁରୁଛୁ ସଭିଏଁ ଫେରିଆସ ପୁଣି
ଆମ ଦେଶ ପ୍ରିୟ ନେତାଜୀ ହେଇ।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

# ମାଆ ଯିଏ ବୋଉ ସିଏ

## ରମେଶ ଚନ୍ଦ୍ର ନାୟକ

ମାଆ ଯିଏ ବୋଉ ସିଏ
ନାହିଁ କିଛି ଭେଦ
ବୋଉ ଡାକ ଅତି ପ୍ରିୟ
ଗାଉଁଲି ଶବଦ ।
ଜନ୍ମ ଯିଏ ଦେଇ ଥାଏ
ସହି କଷ୍ଟ ଦାଉ
ତାକୁ ଡାକୁ ମାଆ ବୋଲି
ଅବା ଡାକୁ ବୋଉ ।
ହେଲେ ଭୋକ ବୋଉ ଡାକ
ପୁରି ଯାଏ ପେଟ
ଶୋଷ ହେଲେ ମାଆ ଥିଲେ
ମିଳେ ନାହିଁ କଷ୍ଟ ।
ଚଲା ପଥେ ଥିଲେ ସାଥେ
ମାଆ ହୁଏ ସାହା
ଝୁଣ୍ଟି ପଡ଼ି ଗଲେ ଗଡ଼ି
ବୋଉ କହେ ଆହା ।
ଦେହ ଧୂଳି କାନ ମଳି
ନାକର ସିଂଘାଣି
ବୋଉ ଦେଖି ପୋଛେ ଧରି
ତା' ପଣତ କାନି ।
ହୃଦ କୋହ ଆଖି ଲୁହ
ଦେହକୁ ବିପଦ
ମାଆ ବସି କରେ ସେବା
ସତେକି ବଇଦ ।
ମାଆ ସିନା ତେଲ ଗିନା
ବୋଉ ଯେ ହଳଦୀ
ଦେଇ ମନ ଢାଳି ପ୍ରାଣ
ଉଭୟ ବୁଝନ୍ତି ।
ଯଦି କିଏ ଗାଳି ଦିଏ
ଭଲ କି ମନ୍ଦରେ
ସହେ ମାଆ କାନ୍ଦେ ବୋଉ
ଅନ୍ଧାର ମଧ୍ୟରେ ।
ଦିଏ ବଳ ମାଆ ଜଳ
ବୋଉର ପବନ
ଦୁହିଁଙ୍କର ଏକ ଆତ୍ମା
ହୃଦୟ ସମାନ ।

+କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

# ତୁ ଥା ମୁଁ ଯାଉଛି ରୁଷି



## ପ୍ରଦ୍ୟୁମ୍ନ ପଟ୍ଟନାୟକ





ଦୁଇଟି ପାରା କେଉଁଠୁ ଉଡ଼ିଆସି ଗୋଟିଏ ଘର ପାଖ ଲିମ୍ବ ଗଛରେ ବସିଲେ । ଘୁମୁରି ଘୁମୁରି ଏଣେ ତେଣେ ଆଖି ପକାଉଥାଆନ୍ତି । ତାଙ୍କୁ ସେ ଘର କାନ୍ଥ ଫାଙ୍କରେ ଗୋଟିଏ ଜାଗା ଦେଖାଗଲା। ପାରାଯୋଡ଼ିକ ତା' ଭିତରକୁ ପଶି ପୁଣି ବାହାରି ଆସିଲେ । ଏମିତି ଚାରି ପାଞ୍ଚ ଥର ଯିବା ଆସିବା କରି ଜାଣିଗଲେ ସେ ଗୋଟିଏ ନିରାପଦ ଜାଗା । ସେଠି ବସା କରି ପାରିବେ । ମା' ପାରା ଅଣ୍ଡା ଦେବ । ଅଣ୍ଡାରୁ ଛୁଆ ହେବ। ଛୁଆମାନେ ଉଡ଼ି ଶିଖିବା ଯାଏ ସେଠାରେ ନିରାପଦରେ ରହିବେ ।

ପାରା ଦୁଇଟି ନିଜ ଘର କରିବାକୁ କାଠି କୁଟା ଏକାଠି କରିବାକୁ ଲାଗିଲେ । ଏ ସବୁ ଦେଖୁଥିଲା ଗଛ ଡାଳରେ ବୁଲୁଥିବା ଗୁଣ୍ଡୁଚି ମୂଷା। ସେ ଚିଁ ଚିଁ କରି କହିଲା, 'ହେ ପାରା ନାନୀ ତୁମେ ଦୁଇ ଜଣ କ'ଣ ମୋ ଜାଗାରେ ଆସି ଘର କରିବାକୁ ବସିଲାଣି ! କିଛି ଦିନ ଆଗରୁ ମୁଁ ପରା ସେଠି ଘର କରିଥିଲି । ମୋ ଛୁଆମାନେ ବଡ଼ ହେବାରୁ ଖେଳି ଖେଳି ସେ ଘର ଭାଙ୍ଗି ଦେଲେ । ସେଥିପାଇଁ ସେ ଜାଗା ଖାଲି ପଡ଼ିଛି।'

ଦୁଇଟି ଯାକ ପାରା ତା' ଆଡ଼କୁ ମାଡ଼ି ଆସି କହିଲେ, 'ହେ ଟୁଉକୁ ମୂଷୀ ତୁ ପରା ତୋ ଛୁଆମାନଙ୍କୁ ନେଇ ଏ ଗଛ ସେ ଗଛ ଡେଇଁ ବୁଲୁଛୁ । ସେଥିରୁ ଗୋଟିଏ ଗଛରେ ଘର କରି ରହୁନୁ! ଆମେ ଘର କରିବାକୁ ଖାଲି ଜାଗାଟିଏ ଖୋଜି ଖୋଜି ପାଇଛୁ । ତୁ କାହିଁକି ଆସି ଆମକୁ ମନା କରୁଛୁ ?'

ଗୁଣ୍ଡୁଚି କହିଲା, 'ପାରା ନାନୀ ମୋତେ କହି ଦେଉଛୁ ଗଛରେ ବସା କରିବାକୁ । ତୁ ନିଜେ ଗଛରେ ବସା କରି ରହୁନୁ !' ପାରା କହିଲା, 'ଆମେ ଗଛ ଡାଳରେ ବସା ବାନ୍ଧି ରହୁନା । ଆମେ ଖରା, ବର୍ଷା, ଶୀତରେ ଖୋଲାରେ ରହି ପାରୁନା । ଆମକୁ ଘରମାନଙ୍କରେ ରହିବାକୁ ଭଲ ଲାଗେ। ଆମ ଛୋଟ ଛୁଆ ବି ଖୋଲାରେ ରହିପାରିବ ନାହିଁ । ଆମକୁ ଛାତ ତଳ ଉଷୁମ ଦରକାର, ତେଣୁ ଆମେ ଏ ଜାଗାଟି ବାଛି ନେଲୁ । ଏମିତିରେ ଏ ଜାଗା ତ ଖାଲି ପଡ଼ିଥିଲା ଆମେ ଆସି ଘର କରୁଛୁ। ତୁ କାହିଁକି ଆସି ଆମ ସହ କଳି କରୁଛୁ !'

ପାରା ଏବଂ ଗୁଣ୍ଡୁଚି କଳି ଦେଖି ଅନ୍ୟ ପାରା ମାନେ ଆସି ପହଞ୍ଚିଗଲେ । ସେମାନେ ବି ନିଜ ଜାତି ଭାଇ ପାରା ସପକ୍ଷରେ କହିବାକୁ ଲାଗିଲେ । ଯୋଡ଼ାକୁ ଘୋଡ଼ା ସରି ନୁହଁ । ଏତେ ଗୁଡ଼ିଏ ପାରାଙ୍କୁ ଦେଖି ଗୁଣ୍ଡୁଚି ଆଉ କଳି କଲା ନାହିଁ । ସେ ଜାଗାରୁ ରାଗି ଚାଲି ଗଲା । ଗଲାବେଳେ ରୁଷି କରି କହିଗଲା, 'ପାରା ନାନୀ ଏଇଠି ତୁ ଥା ମୁଁ ଯାଉଛି ।'

+ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଗଛ ଆମର ମିତ

## ସତ୍ୟନାରାୟଣ ପ୍ରଧାନ

ସବୁଜ ସୁନ୍ଦର ପରିବେଶ ଆମ
ଦେଖିଲେ ଲାଗଇ ମଜା
ବଣ ଜଙ୍ଗଲର ମୂଲକରେ ପରା
ମହାବଳ ବାଘ ରାଜା ।
ନାନା ଜାତି ଫୁଲ ଫୁଟିଲେ ଗଛରେ
ଦିଶଇ ଭାରି ସୁନ୍ଦର।
ପ୍ରକୃତି କୋଳରେ ବିତିଲେ ଜୀବନ
ଦୁନିଆ ଲାଗେ ନିଜର ।
ଗଛର ଜୀବନ ମଣିଷ ଭଳିଆ
ନିତି ବାଣ୍ଟୁଥାଏ ଖୁସି
ସୁଖ ଆଉ ଦୁଃଖ ଦେଖୁଥାଏ ସବୁ
କେବେ ଯାଇନାହିଁ ରୁଷି ।
ସବୁରି ମନରେ ପ୍ରକୃତି ସୁରକ୍ଷା
ଯେବେ ଘାରି ଯିବ ଚିନ୍ତା
ଆମେ ହସୁଥିବା ମାଟି ମାଆ କୋଳେ
ଗର୍ବରେ ଟେକି ନିଜ ମଥା।
ଆପଣା ଭାବିକି ନ ହାଣିବା ତାକୁ
ଚାଲ ନେବା ମିଶି ଶପଥ
ସମାଜ ଆଗରେ ଦେଉଥିବା ବାର୍ତ୍ତା
ଗଛ ଆମର ମିତ ।

+ଅଣ୍ଡିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ ୯୧୭୮୩୧୩୬୪୪

# କାଳୀ ବିଲେଇ

## ରାଧାରାଣୀ ପଟ୍ଟନାୟକ

ଘରେ ଅଛି ମୋର କାଳୀ ବିଲେଇ
କୋଣରେ ଶୋଇଛି ମୁହଁ ଫୁଲେଇ ।
ରୁଚୁ ନାହିଁ ତାକୁ ଗୋରସ ଭାତ
ପାଖକୁ ଗଲେ ସେ ମାରୁଛି ଲାତ ।
ରନ୍ଧା ଘରେ ପ୍ରୀତି ଭାବୁଛି ମାଛ
ଭାବୁଛି ପ୍ରୀତି କେବେ କରିବ ପଛ ।
ମୋ କାଳି ବିଲେଇ ବସିଛି ଛକି
ସେ ପରା ଅଟେ ବଡ ଟାଙ୍କି ।
ପ୍ରୀତି ରନ୍ଧା ଘରୁ ଗଲା ବାହାର
ରୋଷେଇ ଘରେ କାଳୀ ହେଲା ହାଜର।
ମାଛ ଦୁଇ ଖଣ୍ଡ ପାଟିରେ ଧରି
ଏକା ଡିଆଁକେ ଗଲା ବାହାର ।
ବାଟରେ ଭେଟିଲା ଧଳା କୁକୁର
କାଳୀ ଦୌଡିଗଲା ହୋଇ ତରବର ।
କୁକୁର ଦେଲା କାଳୀ ର ଲାଞ୍ଜ କାମୁଡି
କାଳି ଦେଲା ତାକୁ ନଖେ ରାମ୍ପୁଥାଏ ।
ମାଛ ଦୁଇ ଖଣ୍ଡ ଛଡେଇ ନେବା
କାଳୀ ଆଗେ ବସି ସବୁ ଖାଇଲା ।
ପ୍ରୀତି ପାଖେ ବସି କାଳୀ ବିଲେଇ
କାନ୍ଦୁଥିଲା ବସି ଲୁହ ଗଡାଇ ।

+ ଚନ୍ଦନ ନଗର
ବରଗଡ
ମୋ: ୮୯୧୭୨୩୭୧୩୭

# ଆଗଠାରୁ ଭଲ କଲି

## ଜୟନ୍ତ କୁମାର ମଲ୍ଲିକ୍

ବୋଉ ଶିଖାଇଲା ଫଳାପାଠ ଯେତେ
ବାପା ପଢ଼ାଇଲେ ବହି
ଶିଶୁ ମନ୍ଦିରରେ ପାଠ ମୁଁ ପଢ଼ିଲି
ମାମୁଘରେ ମୁଁ ଯେ ରହି ।
ସୂରୁଜ ଉଇଁବା ଆଗରୁ ନିଇତି
ଉଠିକି ଅଭ୍ୟାସ କରି
ନିତ୍ୟକର୍ମ ସବୁ ସହଳେ ସାରିକି
ବସିଲି ମୁଁ ବହି ଧରି ।
ସବୁପାଠ ମନେ ରହିଗଲା ମୋର
ପରୀକ୍ଷାରେ କଲି ଭଲ
ଶ୍ରେଣୀରେ ପ୍ରଥମ ହେଲାପରେ ମୁହିଁ
ଖୁସି ହେଲା ଝଲମଲ ।
ସମସ୍ତେ ପ୍ରଶଂସା କଲେ ଭୁରି ଭୁରି
ମାମୁ ମାଇଁ ଖୁସିହେଲେ
ଆନନ୍ଦ ମନରେ ମୋ ପାଇଁ ଗୋଟିଏ
ସାଇକେଲ କିଣି ଦେଲେ ।
ସବୁଦିନ ମୁହିଁ ସାଇକେଲ ନେଇ
ଶିଶୁ ମନ୍ଦିରକୁ ଗଲି
ସବୁ ପରୀକ୍ଷାରେ ଲଗାତର ମୁହିଁ
ଆଗଠାରୁ ଭଲ କଲି ।

+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ:୯୪୩୭୮୬୫୭୨୭

# ସନାତନବାବୁଙ୍କ ଅଳିଆ

## ରମେଶ ଚନ୍ଦ୍ର ଦାଶ



ସନାତନ ବାବୁଙ୍କ ଦୁଆରେ ଅଳିଆ ସଂଗ୍ରହ କରୁଥିବା ବ୍ୟକ୍ତି ପହଞ୍ଚି କଲିଂବେଲ୍ ଚିପିଲେ । ଘର ଭିତରୁ ଘରର ମାଲିକାଣି ପଚାରିଲେ, "କ'ଣ ହେଲା ? କାହିଁକି ଡାକୁଛ ?" ଅଳିଆ ସଂଗ୍ରହକାରୀ ଉତ୍ତର ଦେଲେ, "ମାଆ ଅଳିଆ ଦିଅନ୍ତୁ ।" ମାଲିକାଣି କହିଲେ ଆମ ଘରେ କିଛି ଅଳିଆ ନାହିଁ ।" ସେଦିନ ସେହି ଲୋକଟି ଚାଲିଗଲା । ପୁଣି ପରଦିନ ସେହି ସମୟରେ ଡାକ ପକାଇଲା, "ଅଳିଆ ଦିଅନ୍ତୁ ।" ପୁଣି ସେହି ଉତ୍ତର, "ଅଳିଆ ନାହିଁ ।" ଏହିପରି କିଛିଦିନ ଗଲା । ସେହି ଲୋକଟି ଦିନେ ତାର ଉପରିସ୍ଥ କର୍ମଚାରୀଙ୍କୁ ଜଣାଇଲା ଯେ ସନାତନ ବାବୁଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଅଳିଆ ଦେଉଛନ୍ତି ।

ଉପରିସ୍ଥ କର୍ମଚାରୀ ରାଗିଗଲେ । ପରିବେଶକୁ ପରିଷ୍କାର ରଖିବା ପାଇଁ ସହଯୋଗ କରିବା ପରିବର୍ତ୍ତେ ଏମିତି ଅସହଯୋଗ କରିବା ଆଦୌ ଠିକ୍ ନୁହେଁ ବୋଲି ମନେ ମନେ ଭାବି ସେ ଦିନେ ଆସିଲେ । ସେଦିନ ହୋଇଥାଏ ରବିବାର । ମାଲିକ ଥାଆନ୍ତି । ତାଙ୍କୁ ଅଳିଆ ସଂଗ୍ରହକାରୀଙ୍କ ସଙ୍ଗରେ ଆସିଥିବା ଉପରିସ୍ଥ କର୍ମଚାରୀ ବୁଝାଇଲେ, "ଆପଣ ଅଳିଆ ଦେଇ ପରିବେଶକୁ ପରିଷ୍କାର ରଖିବାରେ ସହଯୋଗ କରନ୍ତୁ ।" ସନାତନ ବାବୁ କହିଲେ, "ଅଳିଆ ନାହିଁ । ଆମଘରର ଅଳିଆକୁ ଆମେ ଖତ କରୁଛୁ ।" ସେ କିନ୍ତୁ ବୁଝିଲେ ନାହିଁ । ପରଦିନ ପୁଣି ତାଙ୍କ ଉପର ବାବୁଙ୍କୁ ଡାକି ଆଣିଲେ। ତାଙ୍କ ସହିତ ଆଉ କେତେଜଣ ବ୍ୟକ୍ତି ବି ତାଙ୍କ ସାଥିରେ ଆସିଥିଲେ । ସେ କିନ୍ତୁ ସେଦିନ ସିଧା ତାଙ୍କ ଘର ତନଖି କଲେ । ଶେଷରେ ପହଞ୍ଚିଲେ ଛାତ ଉପରେ । ବହୁତ ଫୁଲ ଓ ପରିବା ଗଛରେ ହସୁଛି ଛାତ । ଗୋଟିଏ କୁଣ୍ଡରେ ପରିବା ଚୋପାର କମ୍ପୋଷ୍ଟ । ସେ ସିଧା ତଳକୁ ଓହ୍ଲାଇ ଚାଲିଗଲେ । ତାଙ୍କୁ ପଛରୁ ସନାତନ ବାବୁ ଡାକି ପଚାରିଲେ, "ବାବୁ କୁଆଡ଼େ ଆସିଥିଲେ କିଛି ନକହି ଚାଲିଯାଉଛନ୍ତି କାହିଁକି ?" ବାବୁ ତ କିଛି କହିଲେ ନାହିଁ । ତାଙ୍କ ସାଥିରେ ଥିବା ଅଳିଆ ସଂଗ୍ରହକାରିଟି କହିଲା, "କିଛି ତ କଥା ନାହିଁ କହିବେ କ'ଣ ?"

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

# ବୋଲାଣି ଓର ମାଇନ୍ସରେ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ସୁଦୃଢ କରିବା ଦିଗରେ ଉନ୍ନତ ଫେଲ୍-ସେଫ୍ ବ୍ରେକିଂ କୌଶଳ କାର୍ଯ୍ୟକ୍ଷମ

ରାଉରକେଲା, ୧୬/୧ (ନି.ପ୍ର): ସେଲ ଅନ୍ତର୍ଗତ ବୋଲାଣି ଓର ମାଇନ୍ସ (ବି ଓ ଏମ)ରେ ଡାଉନହିଲ୍ କନଭେୟର ପି ସି - ୮ ରେ ଏକ ଉନ୍ନତ ଫେଲ୍-ସେଫ୍ ଡିସ୍କ ବ୍ରେକିଂ ସିଷ୍ଟମକୁ ସଫଳତାର ସହ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯାଇଛି, ଯାହା କନଭେୟର ସିଷ୍ଟମର ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟକ୍ଷମ ନିୟନ୍ତ୍ରଣକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି।



ଉଲ୍ଲେଖନୀୟ ଯେ, ବ୍ରେକିଂ ବ୍ୟବସ୍ଥା ଡାଉନହିଲ୍ କନଭେୟରର ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଉପାଦାନ ଅଟେ । ପୂର୍ବରୁ, ବୋଲାଣି ଓର ମାଇନ୍ସର ଡାଉନହିଲ୍ କନଭେୟର ପି ସି-୮ ଥ୍ରଷ୍ଟର ବ୍ରେକିଂ ସିଷ୍ଟମ ସହିତ ସମସ୍ୟାର ସମ୍ମୁଖୀନ ହୋଇଥିଲା, ବିଶେଷକରି ଲୋଡ୍ ହୋଇଥିବା ପରିସ୍ଥିତିରେ ଏବଂ ବିଦ୍ୟୁତ୍ ନ ଥିବା ସମୟରେ ଏଭଳି ସମସ୍ୟା ଦେଖାଦେଉଥିଲା ଯାହା ଅଧିକ ନିର୍ଭରଯୋଗ୍ୟ ବ୍ରେକିଂ ସମାଧାନର ଆବଶ୍ୟକତା କରୁଥିଲା ।

ସମସ୍ୟାର ସମାଧାନ କରିବା ଦିଗରେ, ବୋଲାଣି ଓର ମାଇନ୍ସର ସାମୁହିକ ବିଦ୍ୟମାନ ଥ୍ରଷ୍ଟର ବ୍ରେକଗୁଡ଼ିକୁ ପରିପୂରକ କରିବା ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମ ସ୍ଥାପନ କରିବାର ଧାରଣା ଦେଇଥିଲେ। ଡ୍ରାଇଭ୍ ପୁଲିର କମ୍-ଗତି ପାର୍ଶ୍ୱରେ ଡିସ୍କ ବ୍ରେକ୍ ସ୍ଥାପନ କରାଯାଇଥିଲା, ଯାହା ପାଇଁ ଏକ ବିସ୍ତାରିତ ଶାଫ୍ଟ ସହିତ ଏକ ପରିବର୍ତ୍ତିତ ଡ୍ରାଇଭ୍ ଡ୍ରମ୍ ସ୍ୱତନ୍ତ୍ର ଭାବରେ କ୍ରୟ ହୋଇଥିଲା।

ପରେ ଏହା ବ୍ରେକିଂ ସିଷ୍ଟମକୁ ଅଣା ଯିବା ସହ ଏହି ବ୍ୟବସ୍ଥାକୁ ସଫଳତାର ସହିତ ସ୍ଥାପନ ଏବଂ କର୍ଯ୍ୟକ୍ଷମ କରାଯାଇଥିଲା। ଏହି ସିଷ୍ଟମଟି ସାଧାରଣ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବ୍ରେକିଂ ନିର୍ଭରଯୋଗ୍ୟତା, କାର୍ଯ୍ୟକ୍ଷମ ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଆତ୍ମବିଶ୍ୱାସରେ ଉଲ୍ଲେଖନୀୟ ଉନ୍ନତି କରିଛି। ଏହା ଏକ ଫେଲ-ଶେଫ ନୀତିରେ କାର୍ଯ୍ୟ କରୁଥିବା, ଡିସ୍କ ବ୍ରେକିଂ ସିଷ୍ଟମ ପାୱାର ଫେଲର କିମ୍ବା ସିଷ୍ଟମ ବିଫଳତା ସମୟରେ ସ୍ୱୟଂଚାଳିତ ବ୍ରେକ ପ୍ରୟୋଗକୁ ସୁନିଶ୍ଚିତ କରେ, ଯାହାଦ୍ୱାରା ବ୍ରେକିଂ ପ୍ରଭାବଶାଳୀତା ଏବଂ ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ ।

ଉଲ୍ଲେଖନୀୟ ଯେ, ଏହା ସେଲ ଖଣିରେ ପ୍ରଥମ ଥର ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମର ସ୍ଥାପନ ହୋଇଛି ଯାହା, ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଚିତ ହେବା ସହିତ ସମଗ୍ର ସେଲ ର ଖଣି କାର୍ଯ୍ୟଗୁଡ଼ିକରେ ଡାଉନହିଲ୍ କନଭେୟର ସିଷ୍ଟମରେ ଉନ୍ନତ ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ଉନ୍ନତ ବ୍ରେକିଂ କୌଶଳ ଗ୍ରହଣ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଇଁ ସଚେତନତା

ନୂଆପଡ଼ା, ୧୬/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ବୋଡ଼େନ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ, ଆଂଚଳିକ ପରିବହନ ପ୍ରାଧିକାରୀ ଓ ବୋଡ଼େନ ପୋଲିସ ତରଫରୁ ଜାତୀୟ ସଡକ ସୁରକ୍ଷା ମାସ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ କୁମାର ରଣା, ଏମଭିଆଇ ବିଜୟ କୁମାର ପରିଡ଼ା, ପୋଲିସ ଏସଆଇ ମଞ୍ଜୁଲତା ଖଡେଙ୍ଗା, ସରପଂଚ ରଶ୍ମିତା ସିହ୍ନା ମଂଚାସିନ ରହିଥିଲେ । ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିବାକୁ ଆମର ଦାୟିତ୍ୱ କ'ଣ ହେବା ଦରକାର, କେଉଁ ସବୁ ନୀତିନିୟମକୁ ପାଳନ କରିଲେ ଆମେ ନିଜେ ଓ ଆମ ପରିବାର ସୁରକ୍ଷିତ ରହିବ ତା'ପାଇଁ ଏମଭିଆଇ ବିଜୟ କୁମାରଙ୍କ ସମେତ ସମସ୍ତ ମଂଚାସିନ ଅଧିକାରୀ ବିଭିନ୍ନ ନିରାକରଣ ଓ ଉପଚାର ତଥା ଦଣ୍ଡ ବିଧି ଉପରେ ଆଲୋଚନା କରି ଉପସ୍ଥିତ ସମସ୍ତଙ୍କୁ ସଚେତନ କରିଥିଲେ ।

# କୋରାପୁଟ ଜିଲ୍ଲାରେ ଡ୍ରପ ଆଉଟ ହାର ଉଦ୍‌ବେଗଜନକ

ଜୟପୁର,୧୬/୧ (ନି.ପ୍ର): କୋରାପୁଟ ଜିଲାରେ ଡ୍ରପ ଆଉଟ ହାର ଉଦବେଗଜନକ ସ୍ଥିତିରେ ରହିଛି । କୋରାପୁଟ ଜିଲ୍ଲାରେ ୭ ରୁ ୧୮ ବର୍ଷ ବୟସ ମଧ୍ୟରେ ଡ୍ରପ ଆଉଟ ୧୭୯୨୩ କ୍ଷ ସେଥି ମଧ୍ୟରୁ ୧୯ମୃତ, ବୟସ୍କ ୮୧୮, ନକଲି ୮୨୦। ଏହି ସଂଖ୍ୟାରେ ସର୍ବାଧିକ ଡ୍ରପ ଆଉଟ ରହିଛି ବୈପାରୀଗୁଡା ବ୍ଲକରେ। ଗତ ସେପ୍ଟେମ୍ବରରେ ଦ୍ରପ ଡ୍ରପଆଉଟ୍ ଥିଲା ୧୯ ହଜାରରୁ ଅଧିକ । ସେହିପରି ରାୟଗଡା ୮୧ତମ ଜିଲ୍ଲା ପରିଷଦ ବୈଠକର ସୂଚନା ଅନୁସାରେ । ରାୟଗଡ଼ା ଜିଲ୍ଲାରୁ ଅଧାରୁ ପାଠ ଛାଡିଥିବା ସଂଖ୍ୟା ୧୨ ହଜାର୫୩୮ ଜଣରୁ ବିଦ୍ୟାଳୟ ଯାଇନଥିବା ସଂଖ୍ୟା ୫ ହଜାର ୩୮୬ ସମୁଦାୟ ୧୭୯୨୪ କ୍ଷଶିକ୍ଷା ବିଭାଗର ନିର୍ଦ୍ଦେଶ ପରେ ପ୍ରତ୍ୟେକ ଗାଁ ଗାଁ କୁ ଯାଇ ସଚେତନ କରୁଥିବା ଜିଲ୍ଲା ଶିକ୍ଷା ବିଭାଗ କହୁଥିବା ବେଳେ ବାସ୍ତବିକ ସେମିତି କିଛି ଦେଖିବାକୁ ମିଳୁନାହିଁ। କେଉଁଠି ପାଠ ପଢା ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ତ ଆଉ କେଉଁଠି ଅଧାରୁ ପାଠ ଛାଡ଼ି ବାଲ୍ୟବିବାହ କରୁଥିବା ଓ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ନବରଙ୍ଗପୁର: ଜିଲ୍ଲାରେ ୨୦୨୩ ମସିହାରେ ମାଟ୍ରିକ ପରୀକ୍ଷାରେ ନବରଙ୍ଗପୁର ଜିଲ୍ଲା ଡ୍ରପଆଉଟ ରେ ପ୍ରଥମ ରହିଥିଲା ବେଳେ ଧୀରେ ଧୀରେ ଡ୍ରପ ଆଉଟ ସଂଖ୍ୟା କମିବାରେ ଲାଗିଛି କ୍ଷ୨୦୨୩ ମସିହାରେ ୯୬୩ ଛାତ୍ରଛାତ୍ରୀ ଡ୍ରପ ଆଉଟ ହୋଇଥିବା ଚିହ୍ନଟ ହୋଇଥିବା ବେଳେ ୨୦୨୪ ମସିହାରେ ୮୭୫ ଓ ୨୦୨୫ ମସିହାରେ ୫୮୭ ରହିଛି । ନବରଙ୍ଗପୁର ଶିକ୍ଷା ବିଭାଗ ତରଫରୁ ୨୦୨୪ ମସିହାରେ ଘରକୁ ଘର ଶିକ୍ଷକ ମାନେ ଯାଇ ୩୧୦୦ ପିଲାଙ୍କୁ ବିଭିନ୍ନ ସ୍କୁଲ, ଏସଆଇଓଏସ କିମ୍ବା ଏନଆଇଓଏସରେ ନାମ ଲେଖାଇଥିବା ବେଳେ ବର୍ତମାନ ସୁଦ୍ଧା (୨୦୨୫/୨୬ ଶିକ୍ଷା ବର୍ଷ ରେ ) ଏହାର ସଂଖ୍ୟା ବଢ଼ି ୪୩୦୦ ପିଲା ନାମ ଲେଖାଇଛନ୍ତି । ବର୍ତମାନ ଜିଲ୍ଲାରେ ଡ୍ରପ ଆଉଟ କମାଇବା ପାଇଁ **Mega Enrollment Drive** (ମେଗା ଏନରୋଲମେଂଟ ଡ୍ରାଇଭ) କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକ ମାନେ ଘରକୁ ଘର ଯାଇ ପିଲାଙ୍କୁ ବିଦ୍ୟାଳୟ ମୁହାଁ କରିବାକୁ ଚେଷ୍ଟା କରୁଛନ୍ତି କ୍ଷ ଜିଲ୍ଲାରେ ଥିବା ୧୪ ବର୍ଷରୁ ୧୮ ବର୍ଷର ପିଲା ମାନଙ୍କୁ ମାଗଣାରେ ଏସଆଇଓଏସ (ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ) ଓ ଏନଆଇଓଏସ (ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ) ରେ ଭର୍ତି କରାଯାଉଛି ।

## ଅବୈଧ ଖଣି ଖନନ ଏବଂ ପରିବହନ ଉପରେ ଚଢ଼ଉ

ବଲାଙ୍ଗିର, ୧୬/୧ (ନି.ପ୍ର): ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଆଜି ଆଗଲପୁରର ବ୍ଲକରେ ହେଉଥିବା ଅବୈଧ ଖଣି ଖନନ ଏବଂ ପରିବହନ ଉପରେ ଚଢଉ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଦ୍ୱାରା ମିଳିତ ଭାବେ ରଫାଖୋଲ ଗ୍ରାମ ନିକଟ ଅଙ୍ଗ ନଦୀ ଠାରେ ଏହି ଚଢଉ କରାଯାଇଥିଲା । ବାଲି ମଫିଆମାନେ ନଦୀବନ୍ଧରେ ଥିବା ବନ୍ୟା ପ୍ରତିରୋଧକ କାନ୍ଥକୁ କାଟି ନଦୀ ମଧ୍ୟକୁ ରାସ୍ତା କରିଛନ୍ତି । ବାଲି ଚୋରା ଚାଲାଣରେ ସମ୍ପୃକ୍ତ ତିନୋଟି ହାଇୱା ଜବତ କରାଯାଇ ସାଲେଭଟା ଥାନାକୁ ହସ୍ତାନ୍ତର କରାଯାଇଛି । ସେଠାରେ ଏକ ଚେନ୍ ମାଉଂଟ ଏକ୍ସଭେଟରକୁ ମଧ ଜବତ କରାଯାଇଛି । ଏହାର ମାଲିକଙ୍କୁ ଠାବ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କନିଷ୍ଠ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ, ଦୋଷୀ ବିରୁଦ୍ଧରେ ଏଫଆଇଆର ଦାଖଲ କରିବା ସହ ବନ୍ୟା ପ୍ରତିରୋଧକ କାନ୍ଥକୁ ଯଥାଶୀଘ୍ର ମରାମତି କରିବା ପାଇଁ ନିର୍ଦ୍ଦେଶ କରାଯାଇଛି ।
ଏହି ଚଢ଼ଉରେ ଡେପୁଟି କଲେକ୍ଟର ସତ୍ୟଜିତ ବାରିକ, ତହସିଲଦାର ଆଗଲପୁର ନବୀନ କିଶୋର ପାଢୀ, କନିଷ୍ଠ ଖଣି ଅଧିକାରୀ ଦେବାଶିଷ ଦେହୁରି, ଶୁଭମ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ଜୟକୃଷ୍ଣ ପାଣିଗ୍ରାହୀ, ସାଲେଭଟା ଆରଆଇ ଏବଂ ପୋଲିସ ସାମିଲ୍ ଥିଲେ ।

# ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମକର ମହୋତ୍ସବ - ୨୦୨୬ ଉଦ୍‌ଘାଟିତ

ବାରିପଦା , ୧୬/୧ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ଅବସରରେ ୬ ଦିନିଆ ମକର ମହୋତ୍ସବ - ୨୦୨୬ ଉଦଘାଟିତ ହୋଇଯାଇଛି ଓ ଅତିଥି ଭାବେ କ୍ରୀଡା ସଂଗଠକ ତଥା ସମାଜସ୍ୱେୀ ଗିରିଶ ଚନ୍ଦ୍ର ଦାସ, ଏମ ସି ସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ସମାଜସେବୀ କାଶୀନାଥ ରଣା, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ପ୍ରଣବ ମହାନ୍ତ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ




ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ, ବରିଷ୍ଠ ସଦସ୍ୟ ସରୋଜ କୁମାର ମହାପାତ୍ର (ଲିଟନ), ନବ କିଶୋର ଗିରି, ମଳୟ ଦତ୍ତ, ଶିବଶଙ୍କର ବାଗ, ଶଶାଙ୍କ ତେଲେଙ୍ଗା, କାହ୍ନୁ ବାଗ, ଉମେଶ ମହାରଣା, ଶେକ ଅଜିଜ ପ୍ରମୁଖ ଉପସ୍ଥିତ ଥିଲେ ଓ ଗ୍ରାମଦେବୀ ଲାଲପାଟ ସାଲପାଟ ମନ୍ଦିର ନିକଟରୁ ଏକ ମଶାଲ ରାଲି ବାହାରି ସହର ପରିକ୍ରମା କରିଥିଲା । ଏହି ମହୋତ୍ସବରେ ୧୫ ରୁ ୧୭ ତାରିଖ ମଧ୍ୟରେ ଖେଳାକୁଦ, ବ୍ୟାଡ଼ମିଣ୍ଟନ, କ୍ୟାରମ, ଭଲିବଲ ଓ କବାଡି ପ୍ରତିଯୋଗିତା ଏବଂ ୧୮ ରୁ ୨୦ ତାରିଖ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପୁରସ୍କାର ବିତରଣ କରାଯାଇଥାଏ ବୋଲି ସଭାପତି ଆଲୋକ କୁମାର ମହାନ୍ତି ଜଣାଇଛନ୍ତି ଓ ଦୀର୍ଘ ବର୍ଷଧରି ନିଆରା ଢଙ୍ଗରେ ଏହି ମହୋତ୍ସବ ବାରିପଦା ସହରରେ ଅନୁଷ୍ଠିତ ହୋଇଆସୁଅଛି ଓ ଖେଳକୁଦ ପ୍ରତିଯୋଗିତାରେ ସ୍ଥାନୀୟ ତଥା ଆଖପାଖ ଅଂଚଳର ଛୋଟ ଛୋଟ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ଅଂଶଗ୍ରହଣ କରୁଥିବା ବେଳେ କ୍ୟାରମ, ବ୍ୟାଡ଼ମିଣ୍ଟନ, ଭଲିବଲ ଖେଳରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଖେଳାଳି ଅଂଶଗ୍ରହଣ କରିଥାନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦ ନଗର ଓ ସୁନାବେଡ଼ାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଆୟୋଜିତ

ଜୟପୁର,୧୩/୧ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁନାବେଡା ଓ ଅରବିନ୍ଦ ନଗର ଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ମନସ୍ୱିନୀ ପାଢ଼ୀ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ସ୍ୱାମିଜୀଙ୍କର ଦେଶପ୍ରେମୀ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଆହ୍ୱାନ୍ କରିଥିଲେ । ବିବେକାନନ୍ଦ ବେଶଧାରୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସେମାନେ ସେହି ବେଶରେ ଶ୍ରେଣୀ କକ୍ଷ ଗୁଡିକୁ ପରିକ୍ରମା କରିଥିଲେ । ବିବେକାନନ୍ଦ ଙ୍କ ଆତ୍ମଜୀବନି ସମ୍ବନ୍ଧରେ ବକ୍ତୃତା, ଚିତ୍ରାଙ୍କନ ଓ ଫଟୋ ପ୍ରଦର୍ଶନୀ ଭଳି ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦିନ ୧୧ଟା ସମୟରେ ସମସ୍ତ ଶିଶୁ ଆଚାର୍ଯ୍ୟ ପରିବାର ସେବକ ସେବିକା ସାମୂହିକ ବନ୍ଦେ ମାତରମ ରାଷ୍ଟ୍ର ବନ୍ଦନା ଗାନ କରିଥିଲେ । ମିତାଞ୍ଜଳୀ ପାଢ଼ୀ ପରିଚୟ ପ୍ରଦାନ କରିଥିବା ବେଳେ ରଶ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ନଳିନୀ ରାଉତ, ରାଜଲକ୍ଷ୍ମୀ ଦାସଙ୍କ ତତ୍ୱାବଧାନରେ ମଞ୍ଜୁଡାଞ୍ଜଳୀ ସ୍ୱାଇଁ , ଗାୟତ୍ରୀ ଦେବୀ, ଯମୁନା ହାଁସଦା ,ପୁଷ୍ପଲତା ପାତ୍ର ଗାୟତ୍ରୀ ପ୍ରଭା ମହାନ୍ତି, ସ୍ୱର୍ଣ୍ଣମୟୀ ଶତପଥି, ମନିଷା ପାଣି ପ୍ରମୁଖ ଆଚାର୍ଯ୍ୟ /ଆଚାର୍ଯ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ସୋମବାର ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ଠାରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନନୀୟ ଶ୍ରୀଯୁକ୍ତ ଡ.ଶିବରାମ ନିଶଙ୍କ ( ଅବସର ପ୍ରାପ୍ତ ପ୍ରଫେସର) ବିବେକାନନ୍ଦଙ୍କ ବିଷୟରେ ଶିଶୁ ଭାଇ ଭଉଣୀ ମାନଙ୍କୁ ମାର୍ଗଦର୍ଶନ କରାଇଥିଲେ ।ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେବାରେ ସହଯୋଗ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମାନନୀୟ ଶ୍ରୀଯୁକ୍ତ ଡକ୍ଟର ରମଣୀ ରଞ୍ଜନ ଦାସ ଉତ୍ସବ ବିଷୟରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ଭଉଣୀ ୩୨୦ ଶିଶୁ ଭାଇ ୩୯୩ ଗୁରୁଜୀ, ଗୁରୁମା ୩୪ ଏହିପରି ମୋଟ ୭୪୭ ଉପସ୍ଥିତ ଥିଲେ ।

# ପିକଅପ୍ ବାଇକ୍ ମୁହାଁମୁହିଁ ଧକ୍କା: ବାପ ଗୁରୁତର, ଅଳ୍ପକେ ବର୍ତ୍ତିଲେ ଦୁଇ ଶିଶୁପୁତ୍ର, ସ୍ତ୍ରୀ ଆହତ

ନୀଳଗିରି , ୧୬/୧ (ନି.ପ୍ର): ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିବା ବେଳେ ଅଳ୍ପକେ ଜୀବନରୁ ବର୍ତ୍ତିଯାଇଛନ୍ତି ଦୁଇ ଶିଶୁପୁତ୍ର। ବାପ ଗୁରୁତର ହୋଇପଡିଥିବା ବେଳେ ସ୍ତ୍ରୀ ଆହତ ହୋଇଥିବାର ଦେଖିବାକୁ ମିଳିଛି। ଏପରି ମୁହାଁମୁହିଁ ସଡ଼କ ଦୁର୍ଘଟଣା ଦେଖିବାକୁ ମିଳିଛି ୧୯ନମ୍ବର ରାଜ୍ୟରାଜପଥ ପୋଡାଶୂଳ ଭୂମିଜସାହି ନିକଟରେ। ସୂଚନା ଥାଉକି ଏକ ଇଟା ବୋଝେଇ ପିକଅପ୍ (ଓ. ଆର.୦-୧ ଜି ୮୦୭୭) ନୀଳଗିରି ପଟୁ ଉଦଲା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ବାଇକ ଯୋଗେ ନୀଳଗିରି ଥାନା ଅଧୀନ ପଣ୍ଡାଅଫିସ କ୍ରସରସାହି ଗ୍ରାମର ଦିପୁନୁ ସିଂ ନିଜ ସ୍ତ୍ରୀ ପୁତୁଲି ଓ ଦୁଇ ଶିଶୁପୁତ୍ରଙ୍କୁ ବାଇକରେ ବସାଇ ଘରକୁ ଫେରୁଥିବା ବେଳେ ପୋଡାଶୂଳ ଭୂମିଜସାହି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦିପୁନୁର ଗୋଡ଼ ଭାଙ୍ଗିଯିବା ସହ ମୁଣ୍ଡରେ ଗଭୀର ଆଘାତ ସୃଷ୍ଟିହେଇଛି। ସ୍ତ୍ରୀ ସାମାନ୍ୟ ଆହାତ ହୋଇଥିବା ବେଳେ ଦୁଇଶିଶୁପୁତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମବିଭାଗ ଦୁର୍ଘଟଣା ସ୍ଥଳୀରେ ପହଞ୍ଚି ବାପା ମା ଓ ଦୁଇଶିଶୁ ପୁତ୍ରଙ୍କୁ ଉଦ୍ଧାରକରି ନୀଳଗିରି ଡାକ୍ତରଖାନାରେ ପହଞ୍ଚାଇଥିବାର ସୂଚନା ମିଳିଛି। ଦିପୁନୁର ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱରକୁ ସ୍ଥାନାନ୍ତର ହୋଇଥିବାର ଜଣାପଡ଼ିଛି । ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ପିକଅପ୍ ଗାଡିକୁ ଜବତକରିବା ସହ ଡ୍ରାଇଭରଙ୍କୁ ଅଟକରଖି ତଦନ୍ତ ଜାରିରଖିଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡା, ୧୬/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ୍ ସିଂଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୦୧ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରୁ ୮୨ଟି ବ୍ୟକ୍ତିଗତ ୧୯ଟି ଗୋଷ୍ଠୀଗତ ଅଭିଯୋଗ ସମ୍ବନ୍ଧୀୟ ଥିଲା । ଏହି ସବୁ ସମସ୍ୟାର ଅତି ଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ବୁଧିକୋମନା ଗ୍ରାମର ଜିତେନ୍ଦ୍ର ଦୀପଙ୍କୁ ୧୦,୦୦୦ ଟଙ୍କା, ଲଖନା ଗ୍ରାମର ବୁଧିମତି କୈବର୍ତ୍ତ ଓ ଜେଠୁପାଲିର ଲଳିତା ଦୁରିଆଙ୍କୁ ୫୦୦୦ ଟଙ୍କା ଲେଖାଏଁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ପ୍ରଦାନ କରିଛନ୍ତି । ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ବ୍ଲକ୍ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଡିଓ ସର୍ବେଶ୍ୱର ଜାଲ, ଡେପୁଟି କଲେକ୍ଟର ଶେଖ୍ ନସିମ, ଚିନ୍ମୟ ସାଗର, ଏ ବି ଡି ଓ ଭକ୍ତବନ୍ଧୁ ଧରୁଆ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ବନ୍ଦେ ମାତରମ ଗାନ ଓ ଆତ୍ମ ନିର୍ଭର ଭାରତ ଶପଥ ପାଠ

ପୁରୀ,୧୬/୧ (ନି.ପ୍ର): ପୁରୀ ଜିଲ୍ଲା ପ୍ରଶାସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବନ୍ଦେ ମାତରମ ର ୧୫୦ ବର୍ଷ ପୂର୍ତି ଅବସରରେ ସାମୁହିକ ବନ୍ଦେ ମାତରମ ସଂଗୀତ ଗାନ ସହ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ଆଜିର ଦିବସ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳନ ହେଉଥିବାରୁ ବିବେକାନନ୍ଦଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସାମୁହିକ ବନ୍ଦେ ମାତରମ ଗାନ କରାଯାଇଥିଲା। ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉପସ୍ଥିତ ସମସ୍ତଙ୍କୁ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସହଦେବ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ, ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଦାସ,ବିଭିନ୍ନ ବିଭାଗର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହା ବ୍ୟତୀତ ଜିଲ୍ଲାର ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାଳୟ, ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଗୁଡିକରେ ବନ୍ଦେ ମାତରମ୍ ଗାନ ଓ ସଂକଳ୍ପ ପାଠ କରିବା ସହିତ ବିବିଧ କାର୍ଯ୍ୟକ୍ରମ ସମ୍ପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଓ ସହରାଚଂଳର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

# ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ ବଲାଙ୍ଗିରରେ ସ୍ୱାଗତ

ବଲାଙ୍ଗିର, ୧୬/୧ (ନି.ପ୍ର): ଦେଶରେ ଜନସାଧାରଣ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ସ୍ୱଦେଶୀ ଭାବନା ଜାଗ୍ରତ କରିବା, ଦେଶରେ ବିଦେଶୀ ଦ୍ରବ୍ୟକୁ ପରିହାର କରିବା ଲକ୍ଷ୍ୟରେ ଗତ ଜାନୁୟାରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀରୁ ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ଆରମ୍ଭ ହୋଇ ସମଗ୍ର ରାଜ୍ୟର ଗଳି କନ୍ଦିରେ ସ୍ୱଦେଶୀ ଭାବନାରେ ଦୁଇଟି ରଥ ପରିକ୍ରମା କରୁଛି। ଗୋଟିଏ ପୁରୀ ଶ୍ରୀକ୍ଷେତ୍ର ଓ ଅନ୍ୟଟି କୋରାପୁଟ ସାବରି ଶ୍ରୀକ୍ଷେତ୍ରରୁ ବାହାରି ଆଜି ବଲାଙ୍ଗିର ଠାରେ ପହଁଚିବା ବେଳେ ସ୍ଥାନୀୟ ଦୈନିକ ବଜାର ସରସ୍ୱତୀ ଶିଶୁ ମନ୍ଦିର ଠାରେ ସ୍ୱାଗତ କରାଯାଇଥିଲା। ଏହା ସବୁଠାରେ ପଥପ୍ରାନ୍ତ ସଭା ଓ ପ୍ରଚାର ପତ୍ର ମାଧ୍ୟମରେ ଲୋକଙ୍କ ଭିତରେ ସ୍ୱଦେଶୀ ଭାବଧାରା ପ୍ରଚାରିତ ହେଉଛି। ଓଡିଶା ପଶ୍ଚିମ ପ୍ରାନ୍ତ ସଂଯୋଜକ ସ୍ୱଦେଶୀ ଜାଗରଣ ମଂଚ ଅଜୟ ପ୍ରସାଦ ଜେନା ରଥ ସହିତ ଆସି ଲୋକଙ୍କୁ ଉଦବୋଧନ ଦେଇଥିଲେ। ସ୍ଥାନୀୟ ଶିଶୁ ମନ୍ଦିର ଛାତ୍ରଛାତ୍ରୀ ରଥକୁ ପୂଜାର୍ଚ୍ଚନା କରିଥିଲେ। ସଂଘ ସ୍ୱେଚ୍ଛାସେବୀ ସ୍ୱୟଂସେବକ ମାନଙ୍କ ସମେତ ଜନସାଧାରଣ ରଥକୁ ସ୍ୱାଗତ କରିଥିଲେ। ଆଜି ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଂଚଳରେ ଯାତ୍ରା କରି ସମ୍ବଲପୁର ଅଭିମୁଖେ ରଥ ଯିବ। ଆଜି ସୁଦ୍ଧା ୬ ଗୋଟି ଜିଲ୍ଲାରେ ଏହି ରଥ ପରିକ୍ରମା କରିଥିବା ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# 'ସେଲ୍ ଶାବାସ ପୁରସ୍କାର' ଯୋଜନା ଅଧୀନରେ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ପୁରସ୍କୃତ

ରାଉରକେଲା, ୧୬/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଜିଏମ ଇନଚାର୍ଜ (ସେବା)ଙ୍କ କାର୍ଯ୍ୟାଳୟରେ ଜାନୁଆରୀ ୧୪ ତାରିଖରେ ସିଭିଲ୍ ଇଞ୍ଜିନିୟରିଂ ସେବା (ସିଇଏସ), ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମଆରଡ଼ି), ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ସି ଆଣ୍ଡ ଆଇଟି) ଏବଂ ଆର ଆଣ୍ଡ ସି ଲାବୋରେଟୋରୀ (ଆରସିଏଲ) ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ଏବଂ ଅନୁକରଣୀୟ ଅବଦାନ ପାଇଁ 'ସେଲ୍ ଶାବାସ' ପୁରସ୍କାର ପ୍ରଦାନ କରିବା ପାଇଁ ଏକ ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ସେବା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଅତିଶ ଚନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାର୍ମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ସରକାର ବିଭାଗୀୟ ଦକ୍ଷତା ବୃଦ୍ଧିରେ ସେମାନଙ୍କର ପ୍ରତିବଦ୍ଧତା, ନବସୃଜନ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନର ପ୍ରଶଂସା କରିଥିଲେ। ସେ ଅନ୍ୟ ମାନଙ୍କୁ ପୁରସ୍କାରବିଜେତାଙ୍କଠାରୁ ପ୍ରେରଣା ନେବାକୁ ଏବଂ ସେମାନଙ୍କ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ।

ଏହି ଯୋଜନା ଅଧୀନରେ ଉପରୋକ୍ତ ପ୍ରତ୍ୟେକ ବିଭାଗରୁ ଦୁଇଜଣ କରି କର୍ମଚାରୀ ପୁରସ୍କୃତ ହୋଇଥିଲେ। ଯୋଜନାର ବର୍ଗ-୨ ଅଧୀନରେ ସିଇଏସ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ନିହାର ରଞ୍ଜନ ଜେନା, ଏବଂ ଆରସିଏଲ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀଯୁକ୍ତ ଧୀରେନ୍ଦ୍ର କୁମାର ସିଂହ ପୁରସ୍କାର ଲାଭ କରିଥିଲେ।

ବର୍ଗ-୧ ଅଧୀନରେ ଏମଆରଡ଼ି ବିଭାଗର ଜିଏମ ଶ୍ରୀ ଅରୁଣାନ୍ଶୁ ଶୋମ, ଏମଆରଡ଼ି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ରଣଜିତ ଜେନା, ସିଇଏସ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ପଣ୍ଡା ଭୂୟାଁ, ସି ଆଣ୍ଡ ଆଇଟି ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ରବୀନ୍ଦ୍ର ପସାୟତ ଓ ଶ୍ରୀ ବିରୋଜ କୁମାର କବି ଏବଂ ଆରସିଏଲ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ରତନ କୁମାର ମହାନ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଉତ୍ସବରେ ଏମଆରଡ଼ି ବିଭାଗର ଜିଏମ, ଶ୍ରୀ ଏସ୍.କେ. ଭୂୟାଁ, ସିଇଏସ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ପବନ ଗୁପ୍ତା, ସି ଆଣ୍ଡ ଆଇଟି ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ସୁମିତା ଭଟ୍ଟାଚାର୍ଯ୍ୟ, ଆରସିଏଲ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ରମା ଶଙ୍କର ଶର୍ମା, ସି ଆଣ୍ଡ ଆଇଟି ବିଭାଗର ଜିଏମ ଶ୍ରୀ ଧୀରେନ୍ଦ୍ର ମହାପାତ୍ର, ଏବଂ ସିଇଏସ ବିଭାଗର ଡ଼ିଜିଏମ ଶ୍ରୀ ଉଜ୍ଜଳେଶ୍ୱର ବେହେରା ଉପସ୍ଥିତ ଥିଲେ।

ଜିଏମ୍ (ଟେକ୍ନିକାଲ୍) ଶ୍ରୀ ପି. ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରମାକାନ୍ତ ଜେନା, ସିମାଞ୍ଚଳ ଦାଶ, ରାଜୀବ ପାଣି ଓ ପ୍ରେମାନନ୍ଦ ଖଣ୍ଡୁଆଳ ପାଇବେ ପରାଗ ସମ୍ମାନ



ଆଳି, ୧୬/୧ (ନି.ପ୍ର): ଆଳି ଅଂଚଳ ର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦ ଆଗାମୀ ଫେବୃଆରୀ ମାସ ୮ ତାରିଖ ରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଦଶ ଜଣ ସାହିତ୍ୟିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମେଣ୍ଡପୁର ଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବୈଠକ ପରାଗ ସାହିତ୍ୟ ସଂସଦ ର ସଭାପତି ରମେଶ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ସ୍ଥିର କରାଗଲା ଯେ ବର୍ଷିଆନ କବି ଗୋକର୍ଣ୍ଣିକା ର ସମ୍ପାଦକ ରମାକାନ୍ତ ଜେନା ଙ୍କୁ 'ପରାଗ ସ୍ୱତନ୍ତ୍ର ସମ୍ମାନ, ସିମାଞ୍ଚଳ ଦାଶ ଙ୍କୁ ପରାଗ ଗଳ୍ପ ସମ୍ମାନ, ରାଜୀବ ପାଣିଙ୍କୁ 'ଶୋଭାମଣି ସ୍ୱାଇଁ କବିତା ସମ୍ମାନ,' ପ୍ରେମାନନ୍ଦ ଖଣ୍ଡୁଆଳ ଙ୍କୁ 'ରତ୍ନାକର ମିଶ୍ର ଶିକ୍ଷା ଓ ସାହିତ୍ୟ ସମ୍ମାନ, ଖଗେଶ୍ୱର ମହାନ୍ତିଙ୍କୁ 'ପରାଗ କବିତା ସମ୍ମାନ ୨୦୨୬', ଡ଼କ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆଙ୍କୁ 'ପରାଗ ଯୁବ କବି ସମ୍ମାନ -୨୦୨୬', ନିହାରିକା ରଥ ଙ୍କୁ ପରାଗ କବିତା ସମ୍ମାନ ', ସନ୍ତୋଷିନୀ ଦାଶ ଗିରିଙ୍କୁ 'ପରାଗ ସଫଳ ସାହିତ୍ୟିକ ସମ୍ମାନ ', ଶୋଭାନା ଜେନା ଙ୍କୁ ସଫଳ ସାହିତ୍ୟିକ ସମ୍ମାନ, ଓ ପ୍ରଦୀପ୍ତ ମହାନ୍ତି ଙ୍କୁ ପରାଗ ସର୍ଜନ ସମ୍ମାନ ୨୦୨୬' ରେ ସମ୍ମାନିତ କରାଯିବ ପାଇଁ ସ୍ଥିର ହୋଇଛି। ଆସନ୍ତା ମାସ ଫେବୃଆରୀ ୮ତାରିଖ ଦିନ ପରାଗ ସାହିତ୍ୟ ସଂସଦ ର ୪୪ତମ ବାର୍ଷିକ ଉତ୍ସବ ରେ ଏହି ସମ୍ମାନ ଗୁଡିକ ପ୍ରଦାନ କରାଯିବ ବୋଲି ସଂସଦ ସୂତ୍ରରୁ ଜଣାପଡିଛି।ଏହି ଅବସରରେ ଏକ ରାଜ୍ୟ ସ୍ତରୀୟ କବିତା ପାଠୋ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ବୈଠକ ରେ ବରିଷ୍ଠ ଉପ ସଭାପତି ଅଶୋକ ବିଶ୍ୱାଳ, ସମ୍ପାଦକ ବନମାଳୀ ସେନାପତି, ବସନ୍ତ କୁମାର ସେନାପତି ଓ ଅକ୍ଷୟ ପଣ୍ଡା ଆଲୋଚନା ରେ ଅଂଶ ଗ୍ରହଣ କରଥିଲେ।

## ଶ୍ରୀରାମ ଲାଇଫ ଇନସୁରାନ୍ସ ପକ୍ଷରୁ ବନ୍ଧୁ ମିଳନ



ବାସୁଦେବପୁର, ୧୬/୧ (ନି.ପ୍ର): ବାସୁଦେବପୁର ସହରରେ ଶ୍ରୀରାମ ଲାଇଫ ଇନସୁରାନ୍ସ ବାସୁଦେବପୁର ଶାଖା ପକ୍ଷରୁ ଏକ ମଧୁର ପରିବେଶ ମଧ୍ୟରେ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଏହି ଶ୍ରୀରାମ ଜୀବନ ବୀମା କମ୍ପାନୀର ରାଜ୍ୟ ମୁଖ୍ୟ ତଥା ଉପ ସଭାପତି ରାଧା କୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ ଆମ ସମାଜରେ ପ୍ରତ୍ୟେକ ଲୋକ ମାନଙ୍କର ବୀମାର ଆବଶ୍ୟକତା ରହିଛି। ଲୋକ ମାନଙ୍କ ପାଖରେ ପହଞ୍ଚି ବୀମାର ଉପକାରିତା ବାରମ୍ବାର ବୁଝାଇଲେ ସେମାନଙ୍କର ଆର୍ଥିକ ସୁରକ୍ଷା ହୋଇ ପାରିବ ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ। ଏହି ଉତ୍ସବରେ ଶାଖା ପରିଚାଳକ ରାମକୃଷ୍ଣ ନାୟକ ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବରେ ସେଲ୍ସ ମ୍ୟାନେଜର ଦୀପକ କୁମାର ପାଢ଼ୀ, ପ୍ରହ୍ଲାଦ ସାହୁ,ଯଜେଶ ରଞ୍ଜନ ସାହୁ, ସୁରେଶ କୁମାର ବାରିକ୍, ଦିବ୍ୟ ରଞ୍ଜନ ଧଳ, ବିଜୟ କୁମାର ବେହେରା, ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଏକ ଶହରୁ ଉର୍ଦ୍ଧ୍ୱ ଏଜେଣ୍ଟ ଯୋଗ ଦେଇଥିଲେ।

## ସାପ୍ତାହିକ ବଜାର ଚାଲିଥିବା ବେଳେ ମାଡିଗଲା ଗାଡ଼ି: ମହିଳା ମୃତ

ସମ୍ବଲପୁର, ୧୬/୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବଡରମା ସାପ୍ତାହିକ ବଜାର ଚାଲିଥିବା ବେଳେ ଆଜି ପ୍ରାୟ ଅପରାହ୍ନ ସାଢ଼େ ୧ ଟା ସମୟ ପାଖାପାଖି ଏକ ଟାଟା ଏସି ( ଓଡି ୧୫ ଜେ ୯୨୬୫) ଗାଡ଼ି କୁ ଏକ କଣ୍ଟେନର ( ଡବ୍ଲୁବି ୧୯ ଏଲ୍ ୦୬୯୯) ପଛ ପଟୁ ଧକ୍କା ଦେବା ଫଳରେ ଟାଟା ଏସି ଗାଡ଼ି ଯାଇ ବଜାର ଭିତରେ ବସିଥିବା ୩ ଜଣ ମହିଳାଙ୍କୁ ଧକ୍କା ଦେଇଥିଲା। ଫଳରେ ସେଠାରେ ବସିଥିବା ବିଶାଳପାଲି ଗାଁର ତିଳୋତ୍ତମା ସିଂ (୫୦), କଲାବତୀ ସିଂ (୪୫) ଓ ପିଙ୍କୁ ସିଂ (୩୬) ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ଆହତ ମାନଙ୍କୁ ବୁର୍ଲା ବଡ ଡାକ୍ତରଖାନା କୁ ପଠେଇଥିବା ବେଳେ ସେଠାରେ ଡାକ୍ତର ତିଳୋତ୍ତମାକୁ ମୃତ ଘୋଷଣା କରିଥିଲେ। ଏନେଇ ଜମନକିରା ଥାନା କେସ ନ. ୧୧/୨୬ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି। ଟ୍ରକ ଓ ଟାଟା ଏସି ଗାଡ଼ି କୁ ଜବତ କରାଯିବା ସହ କଣ୍ଟେନର ଗାଡ଼ି ଚାଳକ କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଥାନା ଆଇଆଇସି ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

## ଓଡ଼ିଆରେ ନାମ ଫଳକ ଲେଖାକୁ ତ୍ୱରାନ୍ୱିତ ପାଇଁ ଓୟୁଜେର ଦାବି




ବାଲେଶ୍ୱର, ୧୬/୧ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ବ୍ୟାସକବି ଫକୀରମୋହନ ସେନାପତି ଙ୍କ ଜନ୍ମସ୍ଥାନରୁ ପ୍ରଥମେ ସମସ୍ତ ସରକାରୀ,ବେସରକାରୀ ଅଫିସ ଓ କାର୍ଯ୍ୟାଳୟ, ଦୋକାନ ବଜାର ର ନାମ ଫଳକ ଲେଖା ଗଲେ ତାହାହିଁ ହେବ ଆମ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଏକ ଛୋଟ ପ୍ରୟାସ ବୋଲି ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ମତ ପ୍ରକାଶ କରିଛନ୍ତି। ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ଆଜି ସକାଳେ ଫକୀର ମୋହନ ଗୋଲେଇ ଛକ ଠାରେ ଫକୀର ମୋହନ ସେନାପତି ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ଶ୍ରୀ ରାଉତ କହିଲେ ଯେ, ଓଡ଼ିଶା ୨୦୩୬ ବେଳକୁ ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ଅବସରରେ ସମଗ୍ର ଜିଲ୍ଲା କାହିଁକି ରାଜ୍ୟ ସାରା ଓଡ଼ିଆରେ ନାମଫଳକ ଲେଖା ହୋଇପାରିଲେ ତାହାହିଁ ହେବ ଫକୀର ମୋହନ ଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଫକୀର ମୋହନ ସେନାପତି ଙ୍କ କାଳଜୟୀ ଲେଖା ଓ ଜୀବନୀ ଉପରେ ଆଲୋଚନା କରିଥଲେ। ଏହି କାର୍ଯ୍ୟକ୍ରମ ରେ ୟୁନିଅନର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ,ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ପ୍ରସନ୍ନ ଜିତ୍ ଆଶ, ହାଇଦର ଖାନ, ଅଜୀମ ବାଲେଶ୍ୱରୀ ,ସମରେଶ ମଣ୍ଡଳ, ସୋମନାଥ ସାହୁ, ସଞ୍ଜୟ କୁମାର ମଲ୍ଲିକ, ଜ୍ଞାନରଞ୍ଜନ ଦାସ, ତପନ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଅରୂପ ନାରାୟଣ ମହାନ୍ତି, ରମଣୀ ରଂଜନ ଦାସ, ମହେଶ୍ୱର ପ୍ରଧାନ,ଚନ୍ଦ୍ରାଂଶୁ ବାନାର୍ଜୀ, ପ୍ରମୁଖ ଯୋଗଦେଇ ଫକୀର ମୋହନ ସେନାପତି ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଶେଷରେ ଟାଉନ ସଂଯୋଜକ ହାଇଦର ଖାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଶାନ୍ତିଆ ସରକାରୀ ଉପ୍ରା ସ୍କୁଲର ଐତିହାସିକ ଅମୃତୋତ୍ସବ ତଥା ସ୍ମୃତିର ମହାକୁମ୍ଭ 'ପ୍ଲାଟିନମ ଜିବୁଲି'ର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ



ଜଳେଶ୍ୱର, ୧୬/୧ (ନି.ପ୍ର): ଜଳେଶ୍ୱର ବ୍ଲକ ଶାନ୍ତିଆର ଏହି ପବିତ୍ର ଶିକ୍ଷାୟତନ,ଯାହା ସାତ ଦଶନ୍ଧିରୁ ଅଧିକ ସମୟ ଧରି ଜ୍ଞାନ ଓ ଚେତନାର ଚିନ୍ମୟ ଜ୍ୟୋତିରେ ଅଜସ୍ର ପ୍ରତିଭା ସୃଷ୍ଟି କରିଛି।ଆଜି ତାହାର ଗୌରବମୟ ଯାତ୍ରାର ଏକ ଐତିହାସିକ ଅମୃତୋତ୍ସବ ପଞ୍ଚସପ୍ତତିତମ ସ୍ମୃତିର ମହାକୁମ୍ଭ 'ପ୍ଲାଟିନମ ଜିବୁଲି' ।ଜଳେଶ୍ୱର ପୌରପାଳିକା ଅଧୀନ ଶାନ୍ତିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ୭୫ ବର୍ଷ ପୂର୍ତ୍ତି ହୋଇଛି। ଏହି ଅବସରରେ ଆଜି ତାର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ନୂଆରୂପରେ ସଜେଇ ହୋଇଛି ୧୯୪୭ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ। ଅଦ୍ୟାବଧି ଏହି ବିଦ୍ୟାଳୟରୁ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢ଼ି ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଜଳେଶ୍ୱର ସହରରେ ଥିବା ଏହି ପୁରାତନ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହରେ ସାମିଲ ହୋଇ ସମସ୍ତେ ଏହାକୁ ଉପଭୋଗ କରୁଛନ୍ତି। ଜୁବିଲି କମିଟିର ସଭାପତି ସିତାଂଶୁ ସେନାପତି ଅଧକ୍ଷତାରେ ପ୍ରାକ୍ତନ ସାଂସଦ ରବିନ୍ଦ୍ର କୁମାର ଜେନା ଏହି ପ୍ଲାଟିନମ ଜିବୁଲି କୁ ଆନୁଷ୍ଠାନିକ ଉଦ୍ଘାଟନ କରିବା ସହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ତମ୍ଭକାର ତଥା ସମାଜ ସେବୀ ସୁଦର୍ଶନ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ମ୍ୟୁନିସିପାଲଟି ଅଧକ୍ଷ ପ୍ରତୀପ କୁମାର ପ୍ରଧାନ,ବିଇଓ ଜଗବନ୍ଧୁ ଜେନା, ଏବିଇଓ ଶୁଶାନ୍ତ କୁମାର ଜେନା, ଏବିଇଓ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ନଗେନ୍ଦ୍ର କର, ଡ.ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ସାହୁ, ପ୍ରାକ୍ତନ ଶିକ୍ଷକ ଆଦ୍ୟ ଚରଣ ବେହେରା, ଚୈତନ୍ୟ ଜେନା, ନିତ୍ୟାନନ୍ଦ ଜେନା,କାଉନସିଲର କବିତା ଧଳ,ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଧରିତ୍ରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବକ୍ତବ୍ୟ ପ୍ରଦାନ କରିଥିଲେ।ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା ବେଳେ ଛାତ୍ରୀ ସୁଚିତ୍ରା ମହାପାତ୍ର ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ମଞ୍ଚ ଆହ୍ୱାନ କରିଥିଲା ବେଳେ ଶେଷରେ ସଞ୍ଜୟ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୧୮ତାରିଖରେ ଚିଲିକାରେ ହେବ ପକ୍ଷୀ ଓ ଡଲଫିନ୍ ଗଣନା

ଖୋର୍ଦ୍ଧା, ୧୬/୧ (ନି.ପ୍ର): ଚଳିତ ବର୍ଷ ୨୦୨୬ ଚିଲିକା ବିଦେଶୀ ପକ୍ଷୀ ଡଲଫିନ୍ ସଂଖ୍ୟା କେତେ ଅଛି ତାହାର ଟିକିନିଖି ଗଣନା କରାଯିବ । ଆସନ୍ତା ୧୮ତାରିଖ ରେ ପକ୍ଷୀ ଗଣନା କରାଯିବ। ଏଥିପାଇଁ ୧୭ତାରିଖ ଟ୍ରେନିଂ ଦିଆଯିବ। ସମଗ୍ର ଚିଲିକା ରେ ହେବ ପକ୍ଷୀ ଗଣନା । ଏହି ପକ୍ଷୀ ଗଣନା ରେ ୨୨ ଟିମ ଗଠନ କରାଯାଇଛି। ପ୍ରତ୍ୟେକ ଟିମ ରେ ୫ ରୁ ୭ ଜଣ ସଦସ୍ୟ ରହିବେ। ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅଧିନରେ ଥିବା ୫ ଟି ରେଞ୍ଜ ଯଥା ବାଲୁଗାଁ, ରମ୍ଭା, ସାତପଡ଼ା, ନୂଆପଡା, ଟାଙ୍ଗୀ ରେଞ୍ଜ ଇଲାକାରେ ହେବ ପକ୍ଷୀ ଗଣନା । ଗୋଟିଏ ଦିନରେ ସରିବ ଏହି ପକ୍ଷୀ ଗଣନା କାର୍ଯ୍ୟ । ଚିଲିକା ରେ କେତେ ସଂଖ୍ୟକ ଡଲଫିନ୍ ଅଛନ୍ତି , ତାହାର ଗୋଟି ଗୋଟି କରି ଗଣତି କରିବ ଚିଲିକା ବନ୍ୟପ୍ରାଣୀ ବିଭାଗ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମହାରାଷ୍ଟ୍ରରେ ପୁଣି ...

ମହାରାଷ୍ଟ୍ରରେ ମୋଟ୍ ୨୯ଟି ପୌର ନିଗମରେ ୮୯୨ ୱାର୍ଡର ୨୮୬୯ ଆସନରେ ଭୋଟ୍ ଗ୍ରହଣ ହୋଇଥିଲା। ନିର୍ବାଚନ ଫଳ ମୁଖ୍ୟତଃ ବିଜେପି ସପକ୍ଷରେ ଆସିଛି। ମୋଟ୍ ୧୨୧୨ଟି ଆସନରେ ବିଜେପି ଆଗୁଆ ରହିଛି। ମେଣ୍ଟ ସହଯୋଗୀ ଶିବସେନା ୩୦୫ ଆସନରେ ଆଗୁଆ ରହିଛି। ଦଳ ଅନୁଯାୟୀ ଦେଖିଲେ କଂଗ୍ରେସ ୨୪୦ ଆସନରେ ଆଗୁଆ ରହି ତୃତୀୟ ସ୍ଥାନରେ ରହିଛି। ଶିବସେନା (ୟୁବିଟି) ୧୩୯ ଆସନରେ ଆଗୁଆ ରହି ଚତୁର୍ଥ ସ୍ଥାନରେ ରହିଛି ଏବଂ ଅଜିତ ପାୱାରଙ୍କ ଏନ୍‌ସିପି (୧୨୭) ଆସନରେ ଆଗୁଆ ରହିଛି। ନିର୍ବାଚନ ମଇଦାନରେ ମୋଟ୍ ୧୫,୯୩୧ ପ୍ରାର୍ଥୀ ଥିଲେ। ରାଜ୍ୟ ନିର୍ବାଚନ କମିସନ୍ କହିଛନ୍ତି, ମହାରାଷ୍ଟ୍ରରେ ମୋଟ୍ ମତଦାନ ପ୍ରତିଶତ ୫୪.୭୭ ରହିଛି। ନୂଆକରି ଗଠନ ହୋଇଥିବା ଇଚାଲକରଞ୍ଜି ପୌର ନିଗମରେ ସର୍ବାଧିକ ୬୯.୭୬ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ମୁମ୍ବାଇରେ ୫୨.୯୪ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଚଳିତଥର ମହାରାଷ୍ଟ୍ର ପୌର ନିର୍ବାଚନ ଉପରେ ସାରା ଦେଶର ନଜର ରହିଥିଲା। ଦେଶର ଆର୍ଥିକ ରାଜଧାନୀରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ଏବଂ ଏକାଠି ହୋଇଥିବା ଠାକ୍‌ରେ ଭ୍ରାତା ତଥା ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟି) ଓ ରାଜ୍ ଠାକ୍‌ରେଙ୍କ ଏମ୍‌ଏନଏସ ମଧ୍ୟରେ ଏକ ପ୍ରେଷ୍ଟିଜ୍ ଲଢ଼େଇ ହୋଇଥିଲା। କିନ୍ତୁ ଉଦ୍ଧବ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ ଭୋଟରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହାନ୍ତି।

### ଶିକ୍ଷାର ମାନଦଣ୍ଡ ବୃଦ୍ଧି ପାଇଁ ...

ସେମାନେ କିଭଳି ଅଧ୍ୟାପକଙ୍କ ଦକ୍ଷତା ମାପିବେ ? ଏହାଛଡ଼ା ଅଧ୍ୟାପକ ଅଭାବରୁ ଜଣେ ଜଣେ ଅଧ୍ୟାପକଙ୍କୁ ଦୀର୍ଘ ସମୟ କାମ କରିବାକୁ ପଡୁଛି। ଏଭଳି ସ୍ଥିତିରେ ସେମାନେ କେମିତି ପିଲାଙ୍କ ସହ ମିଶିବେ ଓ କଲେଜ କାମରେ ସାମିଲ ହେବେ ବୋଲି ପ୍ରଶ୍ନ ଉଠୁଛି । ଏଭଳି ବ୍ୟବସ୍ଥା ଶିକ୍ଷାର ମାନକୁ ଆହୁରି ତଳକୁ ନେବ ବୋଲି କହିଛନ୍ତି ପୂର୍ବତନ କୁଳପତି ବିନାୟକ ରଥ। କିଛି ମାସ ପୂର୍ବରୁ ଅଧ୍ୟାପକ ପଦବୀ ପୂରଣ ପାଇଁ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପୁନଃ ନିଯୁକ୍ତି ଦେଇଥିଲା ଉଚ୍ଚଶିକ୍ଷା ବିଭାଗ। ଆଉ ଏବେ ଦକ୍ଷତା ଆକଳନ ନେଇ ଦାୟିତ୍ୱରେ ଥିବା ଅଧ୍ୟାପକଙ୍କୁ ବାଧ୍ୟତାମୂଳକ ଅବସର ପାଇଁ ତାଗିଦ କରିଛି। ଉଚ୍ଚଶିକ୍ଷା ବିଭାଗର ଏଭଳି ମନମାନିକୁ ଶିକ୍ଷାବିତମାନେ ନିନ୍ଦା କରିଛନ୍ତି।

### କ୍ଷମତାରୁ ଯିବା ପରେ...

ବାଲେଶ୍ୱର ଜିଲ୍ଲାରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା, ବିଜେପିରେ ଯୋଗ ଦେବା ନେଇ ଚର୍ଚ୍ଚା ପରେ ଦଳୀୟ ସଂଗଠନ ଦୋହଲୁଛି । ମୟୂରଭଞ୍ଜରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଛାଡ଼ିଦେଲେ ଆଉ କୌଣସି ବଡ ଚେହେରା ନାହାନ୍ତି । ଖୋଦ୍ ନବୀନଙ୍କ ଜିଲ୍ଲା ଗଞ୍ଜାମରେ ପଦାରେ ପଡିଛି କନ୍ଦଳ । ସଭାପତି ବିକ୍ରମ ପଣ୍ଡା ଜେଲ୍ ଯିବା ପରେ ଗଞ୍ଜାମ ଜିଲ୍ଲା ବିଜେଡି ଏବେ ମୁରବୀଶୂନ୍ୟ। କେବଳ ଏହି ପାଞ୍ଚୋଟି ଜିଲ୍ଲା ନୁହେଁ ଅନୁଗୁଳ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, କଟକରେ କାହା ସହିତ କାହାର ପଡୁନି। ଏଭଳି ସ୍ଥିତିରେ ଆଗକୁ ପଂଚାୟତ ନିର୍ବାଚନ କେମିତି ଲଢ଼ିବେ ସେ ନେଇ ଚିନ୍ତାରେ ପଡିଲେଣି ତୃଣମୂଳସ୍ତରର ନେତା ଓ କର୍ମୀ।

### ଗଞ୍ଜାମର ବିଭିନ୍ନ ସ୍ଥାନର ଇଡିର ...

ଆଲମିରା ଭର୍ତ୍ତି ଥାକ ଥାକ ଟଙ୍କା । ଆଖି ତରାଟି ଦେଲା ଭଳି ବିଡ଼ା ବିଡ଼ା ନୋଟ୍ । ବ୍ରହ୍ମପୁରର ଜଣେ ବାଲି ବ୍ୟବସାୟୀ ଘରେ ପ୍ରାୟ ୨ କୋଟିର ନଗଦ ଟଙ୍କା ଦେଖି ଇଡି ଟିମ୍ ଟେରା । ଆଜି ସକାଳୁ ସକାଳୁ ପୂରା ଗଞ୍ଜାମ ଜିଲ୍ଲାକୁ ଖେଦି ଯାଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀ । ବ୍ରହ୍ମପୁର ସହରର ୫ଟି ସ୍ଥାନ ସହ ଶେରଗଡ଼ ଓ ଆସ୍କାରେ ବି ଏକକାଳୀନ ଚଢ଼ାଉ ହୋଇଥିବା ବେଳେ, ଜାଲରେ ଫସିଛନ୍ତି ବଡ଼ ମାଛ ।.ହୃଷିକେଶ ପାଢ଼ୀ- ଠିକାଦାର, ଆସିକା-ସେରଗଡ଼ର ଛାମୁଆ ବିଜେଡି ନେତା, ଗଞ୍ଜାମ ଜିଲ୍ଲା ବିଜେଡିର ଉପସଭାପତି । ହୃଷିକେଶଙ୍କ ସେରଗଡ଼ ସ୍ଥିତ ପୈତୃକ ଘରେ ଇଡିର ୩ଟି ଟିମ୍ ଛାପା ମାରିଥିବା ବେଳେ, ଭିତରକୁ ଟଙ୍କା ଗଣା ମେସିନ ବି ଯାଇଛି । ହୃଷିକେଶଙ୍କ ପୁଅ ସଚିନ ପାଢ଼ୀଙ୍କ ବ୍ରହ୍ମପୁର ଜୟପ୍ରକାଶ ନଗରସ୍ଥିତ ଘରେ ବି ଚଢ଼ାଉ ହୋଇଛି। କିଏ ବେନାମୀ ବାଲିଘାଟ ଚଳାଉଥିଲା, ଆଉ କିଏ ମଦଭାଟି ! ପୁଣି କିଏ ସ୍ପେଶାଲ କ୍ଲାସ୍ କଣ୍ଟ୍ରାକ୍ଟର। ଚଢ଼ାଉ ହୋଇଥିବା ଅଧିକାଂଶ ବ୍ୟବସାୟୀ ବିଜେଡି ନେତା କିମ୍ବା ଦଳୀୟ ପୃଷ୍ଠପୋଷକ ! ବୋଲି ସୂଚନା ମିଳିଛି । ଲାଞ୍ଜିପଲ୍ଲୀ ଉମାନଗରରେ ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ ଅଫିସ, ବିଜିପୁର କାଲୁଆସାହିର ହକି ଓରଫ ବିଶ୍ୱଜିତ ପାତ୍ରଙ୍କ ଘର, ଗାନ୍ଧୀନଗର ନିକଟ ଅମ୍ବିକାନଗରରେ ଥିବା ହରି ପାଢ଼ୀଙ୍କ ଘର, ଟୁର ଆଣ୍ଡ୍ ଟ୍ରାଭେଲ୍ସ ମାଲିକ ଶିବ ପ୍ରସାଦ ପାଢ଼ୀଙ୍କ ଅମ୍ବିକା ନଗର ସ୍ଥିତ ବାସଭବନ ଓ ଷ୍ଟେସନ୍ ସ୍ଥିତ ଟ୍ରାଭେଲ୍ସ ଅଫିସ୍, କନିଷିର ବ୍ୟବସାୟୀ ସୁନୀଲ ପାତ୍ରଙ୍କ ଘରେ ବି ଛାପା ମାରିଛି ଇଡି। ଆସ୍କା ବ୍ଲକ୍ ଖାରିଆ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସାହୁ ଏବଂ ତାଙ୍କ ସ୍ୱାମୀ ତଥା ମଦ ଓ ବାଲି ବ୍ୟବସାୟୀ ଭଗବାନ ସାହୁଙ୍କ ଘରେ ବି ପଶିଛି ଇଡି ଟିମ୍ । ଗଞ୍ଜାମ ଜିଲ୍ଲାରେ ଏହା ସବୁଠାରୁ ବଡ଼ ଇଡି ରେଡ୍ ବୋଲି କୁହାଯାଉଛି । କଟକ ଓ କେନ୍ଦୁଝରକୁ ବି ଗଡ଼ିଛି ଇଡି ଗାଡ଼ି।

### ନବୀନଙ୍କୁ ଅରବିନ୍ଦ ପଚାରିଲେ...

ଦଳବିରୋଧୀ କିମ୍ବା ବିଶ୍ୱାସଘାତକତାର ପ୍ରମାଣ ଦେଇପାରିନି ବିଜେଡି। ହେଲେ ଚର୍ଚ୍ଚା ହେଉଛି, ଓଡ଼ିଶା ସାରା ବୁଲି ବିଜୟ ବିଭିନ୍ନ ନେତାଙ୍କୁ ଭେଟିବା ଅରବିନ୍ଦଙ୍କୁ ଅଡୁଆରେ ପକାଇଛି। ପ୍ରଚ୍ଛଦପଟରେ ରହି ନୂଆ ଦଳ ଗଠନକୁ ବିଜୟ ବଳ ଦେଉଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଥିଲା। ଆଗୁଆ ବିପଦର ବାସ୍ନା ବାରି, ବିଜୟଙ୍କୁ ଚେକ୍ ଦେବାକୁ ଅରବିନ୍ଦଙ୍କୁ ନିଲମ୍ବନ କରାଯାଇଥିବା କହିଛନ୍ତି ରାଜନୈତିକ ସମୀକ୍ଷକ। ଏସବୁ ଭିତରେ ମୁହଁ ଖୋଲିଛନ୍ତି ବିଜୟ। ସିଧାସିଧା କହିଛନ୍ତି, ନିଲମ୍ବନ ପଛରେ ବଡ଼ ଚକ୍ରାନ୍ତ ରହିଛି। ୨୦୨୬ରେ ବହୁତ କିଛି ହେବ। ୨୬ ବର୍ଷ ତଳେ ବିଜୟ ମହାପାତ୍ରଙ୍କୁ ମଧ୍ୟ ସମାନ ଢଙ୍ଗରେ ଦଳରୁ ବିଦା କରିଥିଲେ ନବୀନ । ଏବେ ପୁଣିଥରେ ଇତିହାସକୁ ଦୋହରାଇଛନ୍ତି ବିଜେଡି ସୁପ୍ରିମୋ।

### ମଣିପୁରରେ ସେନାର...

ୟୁକେଏନ୍‌ଏ କ୍ୟାଡର ଜଡିତ ଅଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୯ଟା ସମୟରେ ଏହି ଅପରେସନ ଆରମ୍ଭ ହୋଇଥିଲା। ମୈତେୟୀ ଓ କୁକି ମଧ୍ୟରେ ଜାତିଗତ ହିଂସା ମେ ୨୦୨୩ରେ ଆରମ୍ଭ ହୋଇଥିଲା। ଏଥିରେ ଅତି କମ୍‌ରେ ୨୬୦ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୬୦,୦୦୦ ଲୋକ ବିସ୍ଥାପିତ ହୋଇଛନ୍ତି। ହଜାର ହଜାର ସୁରକ୍ଷା କର୍ମୀ ମୁତୟନ ହେବା ସତ୍ତ୍ୱେ ଜାତିଗତ ହିଂସା ବିକ୍ଷିପ୍ତ ଭାବରେ ଜାରି ରହିଛି ।

### ପ୍ରଭୁ ଲିଙ୍ଗରାଜଙ୍କୁ ଉପାସରେ...

ଗତକାଲିଠୁ ସ୍ୱାଭାବିକ ହୋଇଛି ଲିଙ୍ଗରାଜ ପ୍ରଭୁଙ୍କ ନୀତିକାନ୍ତି । ମଙ୍ଗଳ ଆଳତୀ ସରିବା ପରେ ଚାଲିଛି ସାଧାରଣ ଦର୍ଶନ । ପ୍ରଭୁ ଲିଙ୍ଗରାଜଙ୍କ ନୀତି ବିଭ୍ରାଟ ପାଇଁ ମନ୍ଦିର ପ୍ରଶାସନକୁ ଦାୟୀ କରିଛି ବଡୁ ନିଯୋଗ । ପ୍ରଶାସନ ଚାହିଁଥିଲେ ପ୍ରଭୁ ଲିଙ୍ଗରାଜ ଉପାସ ରହିନଥାନ୍ତେ ବୋଲି ଅଭିଯୋଗ କରିଛନ୍ତି ବଡୁ ନିଯୋଗ ସେବାୟତ । ମଙ୍ଗଳବାର ଦିନ ଥିବା କ୍ଷୀର ଆଉଟା ନୀତି ସମୟରେ ବିଭ୍ରାଟ ଉପୁଜିପାରେ ବୋଲି ଦେବୋତ୍ତର ବିଭାଗ, ଆଇନ ବିଭାଗ ଓ ମନ୍ଦିର ପ୍ରଶାସନକୁ ବଡୁ ନିଯୋଗ ଅବଗତ କରାଇଥିଲେ । ବିଭ୍ରାଟ ସମ୍ପର୍କରେ ଜଣାଇବା ସତ୍ତ୍ୱେ ପ୍ରଶାସନ କାହିଁକି ଚୂପ ରହିଲା ବୋଲି ପ୍ରଶ୍ନ କରିଛନ୍ତି ବଡୁ ନିଯୋଗ ସମ୍ପାଦକ । ଆଲୋଚନା କରାଯାଇଥିଲେ ସମାଧାନ ହୋଇପାରିଥାନ୍ତାବୋଲି ସେ କହିଛନ୍ତି । ମନ୍ଦିରର ନୀତିକାନ୍ତି ପରିଚାଳନା ସମ୍ପର୍କରେ ଜିଲ୍ଲାପାଳ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ । ଅନେକ ବର୍ଷରୁ ଏହି ନୀତି ବଡୁ ସେବାୟତ କରିଆସୁଛନ୍ତି । ଲିଙ୍ଗରାଜ ମନ୍ଦିରର ରେକର୍ଡରେ ବି ଏହି ବିଷୟରେ ଲେଖାଯାଇଛି ବୋଲି ବଡୁ ନିଯୋଗ ସମ୍ପାଦକ କହିଛନ୍ତି । ସେପଟେ ଦେବୋତ୍ତର ବିଭାଗ ଉପରେ ଦୋଷ ଲଦିଲା ବ୍ରାହ୍ମଣ ନିଯୋଗ । ପ୍ରଶାସନ ଚାହିଥିଲେ ବିଭ୍ରାଟ ହୋଇନଥାନ୍ତା । ସମାଧାନ ପାଇଁ ଚିଠି ଦେଇ ଦାୟିତ୍ୱ ସାରିଦେଲା ଦେବୋତ୍ତର ବିଭାଗ ଏବଂ ଆଲୋଚନା ପାଇଁ ଆସିଲେନି ପ୍ରଶାସନ ବୋଲି ବ୍ରାହ୍ମଣ ନିଯୋଗ କହିଛି ।

### କୋଲକାତା ହାଇକୋର୍ଟର...

କୋଲକାତା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଭାବେ ନିଯୁକ୍ତ ହୋଇଥିଲେ। ତାପରେ ସେ ୮ ଅକ୍ଟୋବର ୨୦୨୫ ଠାରୁ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟବାହକ ମୁଖ୍ୟ ନ୍ୟାୟାଧୀଶ ଭାବେ ଦାୟିତ୍ୱ ପାଳନ କରିଥିଲେ। ଏହା ପୂର୍ବରୁ ସେ ତେଲେଙ୍ଗାନା ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଧୀଶ ଏବଂ ପରେ ସେଠାରେ କାର୍ଯ୍ୟବାହକ ମୁଖ୍ୟ ନ୍ୟାୟାଧୀଶ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

### ଜାନୁଆରୀ ୨୦ରେ...

ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ, ଜାତୀୟ ନିର୍ବାଚନ ବୋର୍ଡ ତାଲିକା ଜାନୁଆରୀ ୧୬, ଶୁକ୍ରବାର ଦିନ ମଧ୍ୟାହ୍ନ ୧୨ ଟାରେ ପ୍ରକାଶିତ ହେବ। ଏହାପରେ ଜାନୁଆରୀ ୧୯ ତାରିଖ ସୋମବାର ଦିନ ନାମାଙ୍କନ ଦାଖଲ କରାଯିବ। ସେହି ଦିନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ, ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଯାଂଚ୍ ଏବଂ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ । ନାମାଙ୍କନ ପ୍ରକ୍ରିୟା ସମାପ୍ତ ହେବା ପରେ, ଜାତୀୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ସନ୍ଧ୍ୟା ୬ଟା ୩୦ ରେ ଏକ ପ୍ରେସ୍ ବିବୃତି ଜାରି କରାଯିବ।

କାର୍ଯ୍ୟସୂଚୀ ଅନୁଯାୟୀ, ଜାନୁଆରୀ ୨୦ ତାରିଖ ମଙ୍ଗଳବାର ଦିନ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ । ଏହାପରେ ନୂତନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବ।

ଶନିବାର, ୧୭ ଜାନୁଆରୀ ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିବେକାନନ୍ଦ କେନ୍ଦ୍ରରେ ବିବେକାନନ୍ଦ ଜୟନ୍ତୀ ପାଳିତ




ବାଲେଶ୍ୱର ୧୬/୧, ୧୬/୧ (ନି.ପ୍ର): ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଲେଶ୍ୱର ଶାଖା ବିବେକାନନ୍ଦ କେନ୍ଦ୍ର ଆନୁକୁଲ୍ୟରେ ବିବେକାନନ୍ଦ ଜୟନ୍ତୀ ସ୍ଥାନୀୟ ଆତିଥ୍ୟ ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ରାଧ୍ୟକ୍ଷା ଡଃ ଗୀତା ଗିରି ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ନଗର ସଞ୍ଚାଳକ ଡ.ନିରଞ୍ଜନ ଦାଶ ସଭା ସଂଯୋଜନା କରିଥିଲେ। ଗବେଷକ ଡ.ଉପେନ୍ଦ୍ରନାଥ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଧ୍ୟାତ୍ମିକ ପରିବେଶ ମଧୁର ସନ୍ଧ୍ୟାରେ ଶ୍ରୀଯୁକ୍ତ ଦାଶ ସ୍ୱାମୀଜୀଙ୍କ ଜୀବନ ଦର୍ଶନ ଓ ସାମାଜିକ ମୂଲ୍ୟବୋଧ ଉପରେ ସୁମଧୁର ବକ୍ତବ୍ୟ ପ୍ରଦାନ କରି ଶ୍ରୋତା ମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ସଭାରେ ପ୍ରାନ୍ତ ପ୍ରମୁଖ ପ୍ରେମାନନ୍ଦ ପିରି, ରାଧାକୃଷ୍ଣ ଆଚାର୍ଯ୍ୟ, ପ୍ୟାରେଲାଲ ଶର୍ମା,ଅରୁଣ କୁମାର ବେହେରା,ଗୟାଧର କର , ସୁଶ୍ରୀ ସଂଗୀତା ଦାଶ , ଦେବାଶିଷ ଦାସ, ଅଶୋକ ସାହୁ, ପ୍ରଦୀପ ମହାପାତ୍ର, ହିମାଂଶୁ ଯେନା, ବିଜୟଲକ୍ଷ୍ମୀ ନାଥ, ରଞ୍ଜିତା ଦାସ, ମୀନତି ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଲୁଇପା ମହୋତ୍ସବ ଅବସରରେ ମକର ମିଳନ ଓ ସାରସ୍ୱତ ସମାରୋହ




ଉଦଳା , ୧୬/୧ (ନି.ପ୍ର): ଉଦଳା ପଂଚାୟତ ସମିତି ଅନ୍ତର୍ଗତ ରାଢ଼ୋ ଗ୍ରାମସ୍ଥିତ ଓଡ଼ିଆ ଭାଷା ଓ ସାହିତ୍ୟର ଆଦି ପ୍ରବକ୍ତା ସିଦ୍ଧ ପୁରୁଷ ଲୁଇପାଙ୍କ ସାଧନା ପୀଠ ସିଦ୍ଧଗୁମ୍ଫା ଠାରେ ପ୍ରତିବର୍ଷ ପରି ଚଳିତ ଜାନୁଆରି ୧୫ ତାରିଖ ଗୁରୁବାର ଦିନ ଲୁଇପା ମହୋତ୍ସବ ପାଳନ ଅବସରରେ ମକର ମିଳନ ଓ ସାରସ୍ୱତ ସମାରୋହ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସବ୍ୟାପି ଆଲୋଚନାଚକ୍ର, କବିତାପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଓ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଯଥାକ୍ରମେ ମୁଖ୍ୟ ଅତିଥି ଓ ଉଦ୍‌ଘାଟକ ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ବାବା ଯଶେଶ୍ୱର ମହିଳା ମହାସଂଘ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଭକ୍ତିଜ୍ଞାନ ସଂଚାର ସମିତିର ଅଧ୍ୟକ୍ଷ ଲକ୍ଷ୍ମୀଧର ପୁଥାଳ ଆଲୋଚନାଚକ୍ରରେ ମଂଚ ପରିଚାଳନାର ଦାୟିତ୍ୱ ତୁଲାଇଥିଲେ। ଗବେଷକ ଡ଼. ରାଧାରଂଜନ ପଟ୍ଟନାୟକ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ସାହିତ୍ୟିକ ଶରତ ଚନ୍ଦ୍ର ନାୟକ, କବି କାଳିକିଙ୍କର, ସାଇସାଧନାର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଲୁଇପାଙ୍କ ସାଧନା ପୀଠ ଭାବରେ ସମଗ୍ର ଓଡ଼ିଶାରେ ଏହି ସ୍ଥାନଟି କିପରି ପରିଚିତ ବ୍ୟକ୍ତ କରିଥିଲେ । ଏହାପରେ 'ସମୟର ଚକ୍ର' ପତ୍ରିକାର ପ୍ରକାଶକ ସର୍ବେଶ୍ୱର ଜେନା ସମ୍ପାଦକୀୟ ବିବରଣୀ ପାଠ କରିବା ସହ ମକର ବାର୍ତ୍ତା – ୨୦୨୬ କୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ନରେନ୍ଦ୍ର ରାଉତ ବିଗତ ବର୍ଷ ମାନଙ୍କରେ ଏହି କାର୍ଯ୍ୟକ୍ରମ କିପରି ଅନୁଷ୍ଠିତ ହେଉଥିଲା ଏହାର ଏକ ଚିତ୍ର ଉପସ୍ଥାପନ କରିଥିଲେ । ମହିଳା ମହାସଂଘର ସଭାପତି ବିଷ୍ଣୁପ୍ରିୟା ବିଶ୍ୱାଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ରବିକାନ୍ତ ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବ ମଂଚରେ ଲୁଇପା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ମହାପାତ୍ର ଓ ଆଇନଜୀବି ସତ୍ୟବ୍ରତ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ନମିତା ରାଉତ ସଂଯୋଜନାର ଦାୟିତ୍ୱ ତୁଲାଇଥିଲେ । କବି ପଦ୍ମ ଦାସ, ଯୋଗେନ୍ଦ୍ର ପଣ୍ଡା, କରୁଣାକର ଦାସ, ଭିକାରୀ ପୃଷ୍ଟି, ଶଚିଦାନନ୍ଦ ମହାନ୍ତି, ପ୍ରଭାସ ନାୟକ, ଶ୍ରଦ୍ଧାଂଜଳି ରାୟ, ପ୍ରତିମା ପଣ୍ଡା, ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ଇତ୍ୟାଦି ୫୦ରୁ ଊର୍ଦ୍ଧ କବି ଓ କବୟିତ୍ରି ସ୍ୱରଚିତ କବିତା ପାଠ କରିଥିଲେ । ପରେ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ମହାସଂଘ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ମହାସଂଘର ସଂପାଦିକା ଜୟଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ସଦର ବିଧାୟକ ମାନସ ଦତ୍ତ




ବାଲେଶ୍ୱର, ୧୬/୧ (ନି.ପ୍ର): ଓଡିଶାର ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଲୋକଭବନକୁ ଯାଇ ଶ୍ରୀ ଦତ୍ତ ଏହି ସାକ୍ଷାତ କରିଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ ରାଜ୍ୟପାଳ ଡକ୍ଟର କମ୍ଭମ୍‌ପତିଙ୍କୁ ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ସାକ୍ଷାତ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଜାରି ରହିଥବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ଦତ୍ତ ରାଜ୍ୟପାଳଙ୍କୁ ଅବଗତ କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ପ୍ରକଳ୍ପରେ ତୃଣମୂଳସ୍ତରରେ ଥିବା ଜନସାଧାରଣ ଉପକୃତ ହେଉଥିବା ସେ ଜଣାଇଛନ୍ତି । ବିଶେଷ କରି ଗରିବ ଅସହାୟଙ୍କ ନିକଟରେ ସରକାରଙ୍କ ପ୍ରତ୍ୟେକଟି ଯୋଜନାର ସୁଫଳ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି । ତେବେ ବାଲେଶ୍ୱର ଜିଲ୍ଲାର ସମୃଦ୍ଧ କଳା, ଐତିହ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ଆବଶ୍ୟକତା ରହିଛି । ଏହା ସହିତ ବେଳାଭୂମୀ ପର୍ଯ୍ୟବେଶିତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ଉପରେ ଶ୍ରୀ ଦତ୍ତ ଗୁରୁତ୍ୱ ଦେଇଛନ୍ତି । ବିଗତ ସରକାରଙ୍କ ଅମଳରେ ଅବହେଳିତ ଅବସ୍ଥାରେ ଥିବା ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଅଧିକ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ବିଧାୟକ ଶ୍ରୀ ଦତ୍ତ ରାଜ୍ୟପାଳ ଡକ୍ଟର କମ୍ଭମ୍‌ପତିଙ୍କୁ ନିବେଦନ କରିଛନ୍ତି । ସେହିପରି ଶିକ୍ଷା କ୍ଷେତ୍ରରେ ଅଧିକ ସୁନାମ ଥିବା ବାଲେଶ୍ୱରରେ ସ୍ୱତନ୍ତ୍ର ଯୋଜନା ପାଇଁ ଶ୍ରୀ ଦତ୍ତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି ।

# ୨୨ରେ ପ୍ରାଥମିକ ଶିକ୍ଷକଙ୍କ ସହ ଉଚ୍ଚ ସ୍ତରୀୟ କମିଟିର ବୈଠକ

ଭୁବନେଶ୍ୱର, ୧୬/୧ (ନି.ପ୍ର):- ଆସନ୍ତା ଜାନୁଆରୀ ୨୨ ତାରିଖରେ ପ୍ରାଥମିକ ଶିକ୍ଷକଙ୍କ ସହ ବୈଠକ କରିବ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି। ତୋଷାଳୀ ଭବନରେ ଦିନ ୧୧ଟା ୩୦ରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ ।ବୈଠକରେ ପ୍ରାଥମିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ହେବ ଆଲୋଚନା। ଏନେଇ ବିଭିନ୍ନ ପ୍ରାଥମିକ ଶିକ୍ଷକ ସଂଗଠନକୁ ଗଣଶିକ୍ଷା ବିଭାଗ ଚିଠି ଲେଖି ଜଣାଇଛି।

# ବରମୁଣ୍ଡାରେ ଗଣସଫେଇ କଲା ବିଏମ୍‌ସି

ଭୁବନେଶ୍ୱର , ୧୬/୧ (ନି.ପ୍ର): ପରିମଳକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି)ର ଗୁରୁତ୍ୱ । ଏହି କ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ନେତୃତ୍ୱରେ ଏଜେନ୍ସିର ସ୍ୱଚ୍ଛ କର୍ମୀ ଓ ସ୍ଥାନୀୟ ଲୋକେ ମିଳିତ ଭାବେ ରାଜଧାନୀ କଲେଜ ସମ୍ମୁଖ ଏବଂ ବରମୁଣ୍ଡା ବସ୍ ଷ୍ଟାଣ୍ଡ ଅଂଚଳରେ ଗଣସଫେଇ କରିଛନ୍ତି । ତାଙ୍କ ସହ ସ୍ଥାନୀୟ କର୍ପୋରେଟର ତଥା ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁ, ସ୍ଥାନୀୟ ସମାଜସେବୀ ତଥା ପୂର୍ବତନ କର୍ପୋରେଟର ଶ୍ରୀ ଅଶ୍ୱିନୀ ସୁନ୍ଦରାୟଙ୍କ ସହ ବହୁ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଆଗାମୀ ଦିନରେ ଏହି ପରି ଗଣସଫେଇ କାର୍ଯ୍ୟକ୍ରମ ଜାରି ରହିବ । ପରିବେଶ ସ୍ୱଚ୍ଛ ରହିଲେ, ଆମେ ସୁସ୍ଥ ରହିବା । ଏଥିପାଇଁ ସମସ୍ତେ ଆଗେଇ ଆସିବା ଦରକାର । ପ୍ରତ୍ୟେକ ଲୋକ ସଚେତନ ହେଲେ ଭୁବନେଶ୍ୱର ସ୍ୱଚ୍ଛ, ସବୁଜ ସୁନ୍ଦର ହେବା ସହ ଦେଶର ଏକ ନମ୍ବର ସହର ଭାବେ ନିଜକୁ ପ୍ରତିପାଦିତ କରିପାରିବ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ ।

# ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାରିପଦା , ୧୬/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ମୋରଡା ବ୍ଲକ ସ୍ଥିତ ଏକମାତ୍ର ହକି କେନ୍ଦ୍ର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁରେ ଚାଲୁଥିବା ନାଭାଲ ଟାଟା ଗ୍ରାସରୁଟ ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରେସେନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଟାଟା ନାଭାଲର ସଂଯୋଜକ ଶେଖର ବେହେରା ଉପସ୍ଥିତ ରହି ଜିଲ୍ଲାରେ ହକି ପ୍ରତିଭା ମାନଙ୍କର ବିକାଶ କ୍ଷେତ୍ରରେ ହକି କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ୧୧ ଜଣ ଛାତ୍ର ଓ ଛାତ୍ରୀଙ୍କୁ ନୂତନ ହକି ଷ୍ଟିକ୍ ଓ ବଲ୍ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅଦିତ୍ୟ ରାଜ, ଜଗନ୍ନାଥ ଦାସ, ସବ୍ୟସାଚୀ ନାୟକ, ବାପୁନ ଧଳ, କର୍ମରଞ୍ଜନ ଧଳ, ଅମ୍ବିକା ଧଳ, ସସ୍ମିତା ସୋରେନ, ଲିପ୍ସା ଦଣ୍ଡସେନା, ପ୍ରିୟା ସି ଓ ଅନିତା ହାଁସଦା ଓ ତତସହିତ ଶୃଙ୍ଖଳା, ଭଲ ବ୍ୟବହାର, ନିୟମିତ ଉପସ୍ଥାନ ଓ କ୍ରୀଡ଼ା କୌଶଳ ଆଧାରରେ ୧୦ ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ, ଚଢେଇଗାଁ କ୍ଲଷ୍ଟରର ସି ଆର ସି ସି ଶୁଭେନ୍ଦୁ ଶେଖର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଙ୍ଗଳାଯୋଡି ଇକୋ ଟୁରିଜିମ ସ୍ଥଳ ପରିଦର୍ଶନ କଲେ ରାଜ୍ୟପାଳ



ଭୁବନେଶ୍ୱର, ୧୬/୧ (ନି.ପ୍ର): ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟିଙ୍କ ସହିତ ଗୁରୁବାର ଦିନ ଖୋର୍ଦ୍ଧା ଜିଲ୍ଲାର ମଙ୍ଗଳାଯୋଡି ଆର୍ଦ୍ରଭୂମି ପରିଦର୍ଶନ କରିଥିଲେ। ମଙ୍ଗଳାଯୋଡ଼ି ପହଞ୍ଚିବା ପରେ ରାଜ୍ୟପାଳଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ଚିଲିକା ହ୍ରଦ କୂଳରେ ଅବସ୍ଥିତ ମଙ୍ଗଳାଯୋଡିର ଇକୋ-ପର୍ଯ୍ୟଟନ ସ୍ଥଳ ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ଜୈବ ବିବିଧତା ପାଇଁ ପ୍ରସିଦ୍ଧ । ବିଶେଷକରି ଏହାର ବିଶାଳ ଆର୍ଦ୍ରଭୂମି ଯାହା ବିଶ୍ୱର ଦୂରଦୂରାନ୍ତରୁ ପ୍ରତିବର୍ଷ ଆସୁଥିବା ହଜାର ହଜାର ପକ୍ଷୀଙ୍କ ବିହାରସ୍ଥଳ ହୋଇଥାଏ । ପରିଦର୍ଶନ ସମୟରେ ରାଜ୍ୟପାଳ ବିଦେଶୀ ପକ୍ଷୀମାନଙ୍କୁ ଦେଖିବା ଏବଂ ଗୋଷ୍ଠୀ ପରିଚାଳିତ ଇକୋ-ପର୍ଯ୍ୟଟନ କାର୍ଯ୍ୟକଳାପ ବିଷୟରେ ଅଭିଜ୍ଞତା ହାସଲ କରିବା ପାଇଁ ଆର୍ଦ୍ରଭୂମି ମଧ୍ୟରେ ଡଙ୍ଗାରେ ଯାତ୍ରା କରିଥିଲେ। ରାଜ୍ୟପାଳ ସ୍ଥାନୀୟ ବାସିନ୍ଦା ଏବଂ ସଂରକ୍ଷଣ ତଥା ପରିବେଶ- ପର୍ଯ୍ୟଟନ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଜଡିତ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଆର୍ଦ୍ରଭୂମି ଇକୋସିଷ୍ଟମକୁ ସୁରକ୍ଷା ଦେବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ପରିବେଶ-ପର୍ଯ୍ୟଟନ ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟି କରିବା ସହିତ ଜୈବ ବିବିଧତାକୁ ସଂରକ୍ଷଣ କରିବାରେ ଗ୍ରାମବାସୀଙ୍କ ସାମୂହିକ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ନିଜର ଅଭିଜ୍ଞତା ବାଣ୍ଟି ରାଜ୍ୟପାଳ କହିଥିଲେଯେ, ମଙ୍ଗଳାଯୋଡିର ଶାନ୍ତ ସୌନ୍ଦର୍ଯ୍ୟ ଏବଂ ପକ୍ଷୀମାନଙ୍କର ପ୍ରାକୃତିକ ବାସସ୍ଥାନରେ ପ୍ରବାସୀ ପକ୍ଷୀଙ୍କ ଦୃଶ୍ୟ ପ୍ରକୃତରେ ପ୍ରେରଣାଦାୟକ। ପରିବେଶ-ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟ କିପରି ପ୍ରକୃତିର ରକ୍ଷକ ହୋଇଛନ୍ତି ତାହା ଦେଖିବା ଉତ୍ସାହଜନକ ବୋଲି ରାଜ୍ୟପାଳ କହିଛନ୍ତି । ରାଜ୍ୟପାଳ ଆହୁରି ମଧ୍ୟ କହିଛନ୍ତିଯେ, ମଙ୍ଗଳାଯୋଡି ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ସହିତ ଗୋଷ୍ଠୀ ଅଂଶଗ୍ରହଣ କିପରି ସଫଳତାର ସହିତ ପ୍ରକୃତିକୁ ସୁରକ୍ଷା ଦେଇପାରେ ତାହାର ଏକ ଉଜ୍ଜ୍ୱଳ ଉଦାହରଣ ଭାବରେ ଠିଆ ହୋଇଛି। ରାଜ୍ୟର ଅନ୍ୟ ପରିବେଶଗତ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହିପରି ଗୋଷ୍ଠୀ ପରିଚାଳିତ ସଂରକ୍ଷଣ ମଡେଲଗୁଡ଼ିକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

# କୁମର ବର ନାୟକ ବିଜେଡିର ପାରାଦୀପ ନଗର ସଭାପତି ଭାବେ ନିଯୁକ୍ତି



ପାରାଦୀପ, ୧୬/୧ (ନି.ପ୍ର): ବିଜୁ ଜନତା ଦଳର ପାରାଦୀପ ନଗର ସଭାପତି ଭାବେ ପାରାଦୀପ ଅଞ୍ଚଳ ର ଜଣାଶୁଣା ବରିଷ୍ଠ ବିଜେଡି ନେତା କୁମର ବର ନାୟକଙ୍କୁ ନିଯୁକ୍ତି ମିଳିଛି।ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ର ବରିଷ୍ଠ ଉପସଭାପତି (ହେଡକ୍ୱାଟରସ) ଦେବୀ ପ୍ରସାଦ ମିଶ୍ର ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ତେବେ ଶ୍ରୀ ନାୟକଙ୍କ ଉପରେ ଭରସା କରି ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ସେ ଦଳୀୟ ସଭାପତି ଶ୍ରୀ ପଟ୍ଟନାୟକ ଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥି ସହିତ ପାରାଦୀପ ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ବିଶିଷ୍ଟ ଶ୍ରମିକ ନେତା ତଥା ବରିଷ୍ଠ ବିଜେଡି ନେତା ବାପି ସର୍ଖେଲ ଙ୍କୁ ମଧ୍ୟ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ଓଡିଶା ରାଜନୀତି ରେ ଗୁଣ୍ଡିଚି ମୂଷା ହୋଇ ଯେତେବେଳେ ଯେଉଁ ଦାୟିତ୍ୱ ସୁପ୍ରିମୋ ଦେବେ ସେ ନିଷ୍ଠୟ ମାନି ନେବେ ବୋଲି ତାଙ୍କର ଦୃଢ ବିଶ୍ୱାସ ରହିଛି।ଯେହେତୁ କୁମର ବର ନାୟକଙ୍କ ଘର ବନ୍ଦର ସହର ପାରାଦୀପ ଅଞ୍ଚଳରେ ସେ ଏହି ନଗର ବିଜେଡି କୁ ସୁଦୃଢ଼ କରିବା ସହିତ କର୍ମୀ ଙ୍କୁ ଏକାଠି କରି ବିଜେଡି ର ଆଧିପତ୍ୟ ବଜାୟ ରହିବା ନେଇ ତାଙ୍କର ଚେଷ୍ଟା ବଜାୟ ରଖିବେ ବୋଲି ଗଣମାଧ୍ୟମ କୁ କହିଛନ୍ତି। ପାରାଦୀପ ରେ ଶାସକ ଦଳ କଥାରେ ପ୍ରଶାସନ ଚେପା ହୋଇ ଯେଉଁଭଳି ଭାବରେ ଅରାଜକତା ସୃଷ୍ଟି କରୁଛି, ତା ବିରୋଧ ରେ ସ୍ୱର ଉତ୍ତୋଳନ କରାଯିବା ସହ ରାଜରାସ୍ତାକୁ ବିଜେଡି ଓହ୍ଲାଇବ।ବରୋଧୀ ଙ୍କ ଉପରେ କଡ଼ା ନଜର ରଖାଯିବ ସହିତ ଠିକଣା ସମୟରେ ଜବାବ ଦିଆଯିବ।ସେ ଆହୁରି ମଧ୍ୟ କହିଥିଲେ ଶାସକ ଦଳ ପାରାଦୀପ ରେ କୋର୍ଟ କଚେରୀ, ଥାନା ପାଣ୍ଡି ଓ ଆଇନିକାନୁନ କିଛି ମାନୁ ନାହାନ୍ତି।ପ୍ରଶାସନ କୁ ହାତ ବାରିସୀ କରି ଯାହା କରୁଛନ୍ତି ସେଥିରେ ସାଧାରଣ ଲୋକେ ଅତିଷ୍ଠ ହୋଇ ପଡିଲେଣି।ଆଗାମୀ ଦିନରେ ତାର ଜବାବ ଦିଆଯିବ।

# ବିଏମଏସର ତ୍ରୈବାର୍ଷିକ ସମ୍ମିଳନୀ ଆଗାମୀ ୬ ଫେବୃଆରୀଠାରୁ ପୁରୀ ଠାରେ

ଭୁବନେଶ୍ୱର, ୧୬/୧ (ନି.ପ୍ର): ଦେଶର ସର୍ବବୃହତ ଶ୍ରମିକ ସଂଗଠନ ଭାରତୀୟ ମଜଦୁର ସଂଗଠନର ତ୍ରୈବାର୍ଷିକ ସମ୍ମିଳନୀ ଆଗାମୀ ୬ ଫେବୃଆରୀ ଠାରୁ ପୁରୀ ଠାରେ ଅନୁଷ୍ଠିତ ହେବ । କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ଭାଇ ମଣ୍ଡାବ୍ୟା ଏହାକୁ ଉଦଘାଟନ କରିବେ । ଏହି ଅଧିବେଶନ ତିନି ଦିନ ଧରି ଚାଲିବ । ବିଏମଏସର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବି.ସୁରେନ୍ଦ୍ରନ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଅଧବେଶନରେ ୪୪ଟି କ୍ଷେତ୍ରର ଶ୍ରମିକ ପ୍ରତିନିଧି ମାନେ ଭାଗ ନେବେ । ମୋଟ ୨୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ବଛା ବଛା କାର୍ଯ୍ୟକର୍ତ୍ତା ମାନେ ଏଥିରେ ଭାଗ ନେବେ । ମୋଟ ୧୨ ଟି ଦେଶର ପ୍ରତିନିଧି ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

# ବାରୁଣୀ ଘାଟରେ ଦାମଦୋର ମେଳା ଆରମ୍ଭ

## ସାନ୍ତାଳୀ ସମ୍ପ୍ରଦାୟର ପୂର୍ବ ପୁରୁଷଙ୍କ ସାମୁହିକ ଅସ୍ଥି ବିସର୍ଜନ ପାଇଁ ବାରୁଣୀ ଘାଟରେ ଭିଡ଼



ବାରିପଦା , ୧୬/୧ (ନି.ପ୍ର): ବାରିପଦାର ବାରୁଣୀ ଘାଟ ଠାରେ ଆଦିବାସୀ ତଥା ସାନ୍ତାଳୀ ସମ୍ପ୍ରଦାୟର ଦାମୋଦର ମେଳା ଆଜିଠାରୁ ଆରମ୍ଭ ହୋଇଛି। ଏଠାରେ ଆଦିବାସୀ ବିଶେଷକରି ସାନ୍ତାଳ ସମ୍ପ୍ରଦାୟର ଲୋକେ ପୂର୍ବ ପୁରୁଷଙ୍କ ସାମୁହିକ ଅସ୍ଥି ବିସର୍ଜନ ପାଇଁ ଝାଡଖଣ୍ଡ, ପଶ୍ଚିମବଙ୍ଗ ସମେତ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ପାରମ୍ପାରିକ ରିତିନିତି ଅନୁଯାଇ ହଜାର ହଜାର ପରିବାର ଏଠାରେ ଆତ୍ମୀୟ ସ୍ୱଜନ, ପିତୃ ପୁରୁଷଙ୍କ ଅସ୍ଥି ବିସର୍ଜନ ସହ ଶ୍ରାଦ୍ଧ ଓ ତିଳ ତର୍ପଣ ଦାନ କରି ବୁଡ ପକାଇଥାନ୍ତି। ତେବେ ଆଜି ଦାମୋଦର ମେଳାର ପ୍ରଥମ ଦିନ ଥିବାରୁ ବାରିପଦା ସହରର ଏହି ବାରୁଣୀ ସୁନାମୁହିଁ ଘାଟ ଚଳଚଂଚଳ ହୋଇଉଠିଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ପାରମ୍ପାରିକ ପର୍ବ ପ୍ରତିବର୍ଷ ମକର ସଂକ୍ରାନ୍ତିର ୨ଦିନ ପରେ ଅର୍ଥାତ ଜାନୁଆରି ୧୬ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ଯାଏଁ ଚାଲୁରହିଥାଏ। ରାଜକିୟ ଢଙ୍ଗରେ ରଙ୍ଗବେରଙ୍ଗର ନୂତନ ବସ୍ତ୍ର ପରିଧାନ କରି ମାଦଳ ଓ ଧୁମସା ସାଙ୍ଗକୁ ବଇଁଶୀର ବଜାଇ ଗାଁ ମୁଖିଆଙ୍କ ନେତୃତ୍ୱରେ ସାନ୍ତାଳୀ ସଂପ୍ରଦାୟର ଲୋକମାନେ ଦଳଦଳ ହୋଇ ଏହି ଦାମଦୋର ମେଳାକୁ ଆସୁଥିବାର ଦେଖାଯାଇଛି। କୌତୁକିୟା ପୋଷାକ ପରିଧାନ ସହ ପାରମ୍ପାରିକ ବେଶଭୂଷାରେ ନୃତ୍ୟ ପରିବେଷଣ କରୁଥିବା ଯୋଗୁଁ ଏହି ସ୍ଥାନଟି ଏବେ ଉତ୍ସବମୁଖର ହୋଇ ଉଠିଛି। ସାନ୍ତାଳ ସମ୍ପ୍ରଦାୟର ପରମ୍ପରା ଅନୁଯାୟୀ ପରିବାରର ବର୍ଷକ ମଧ୍ୟରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅସ୍ଥିକୁ ସଂରକ୍ଷିତ କରି ରଖାଯାଇଥାଏ। ଆଉ ମକରପର୍ବ ପରେ ତ୍ରିବେଣୀ ସଂଗମ ବୋଲି କୁହାଯାଉଥିବା ଏହି ଘାଟରେ ପାରମ୍ପାରିକ ରିତିନିତିରେ ଶାଳ ଗଛକୁ ଠାକୁର ଭାବେ ପୂଜାକରି ସେଠାରେ ଭୋଗ ଲଗାଇ ଲଣ୍ଡା ହେବା ସହ ସାମୁହିକ ଭାବରେ ବୁଡ ପକାଇ ଅସ୍ଥି ବିସର୍ଜନ କରିଥାନ୍ତି। ସାନ୍ତାଳ ସଂମ୍ପ୍ରଦାୟ ଏହିଭଳି ସାମୂହିକ ଅସ୍ଥି ବିସର୍ଜନ ପରେ ନିଜକୁ ଗର୍ବିତ ଅନୁଭବ କରୁଥିବା ବେଳେ ପୂର୍ବ ପୁରୁଷ ଶାନ୍ତି ପାଉଥିବାର ବିଶ୍ୱାସ ରହିଛି ବୋଲି ଅସ୍ଥି ବିସର୍ଜନ ପାଇଁ ଆସିଥିବା ଗଣେଷ ହେମ୍ବ୍ରମ, ମଧୁସୂଦନ ମୁର୍ମୁ, ସିଙ୍ଗରାୟ ହେମ୍ବ୍ରମ ପ୍ରମୁଖ କହିଛନ୍ତି। ତେବେ ବାରୁଣୀ ଘାଟରେ ପ୍ରବଳ ଭିଡ଼କୁ ଲକ୍ଷ୍ୟ ରେ ରଖି ପୋଲିସ ଓ ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦବସ୍ତ କରାଯାଇଛି ବୋଲି ମେଳା ଆୟୋଜନ କମିଟିର ଉପଦେଷ୍ଟା ସୁନାରାମ ସୋରେନ କହିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida